ଆଞ୍ଚଳିକ
# ଖବର
ANCHALIKA KHABAR
R.N.I. No- ODIODI/2009/31535

Volume-17, Issue-344, Tuesday, 07 April 2026, Bhubaneswar, Page-08, Price-7/-
ବର୍ଷ-୧୭, ସଂଖ୍ୟା-୩୪୪, ମଙ୍ଗଳବାର, ୦୭ ଏପ୍ରିଲ ୨୦୨୬ ଭୁବନେଶ୍ୱର, ପୃଷ୍ଠା-୦୮, ମୂଲ୍ୟ-୭/

## ବିବାଦୀୟ ବୟାନ ଦେଇ ସରକାରଙ୍କୁ ଅପଦସ୍ତ କରୁଛନ୍ତି ମନ୍ତ୍ରୀ

**ଭୁବନେଶ୍ୱର, ୭/୪(ଖବର):** ମୁଖ୍ୟମନ୍ତ୍ରୀ ଯଦି ଜଣେ ମନ୍ତ୍ରୀଙ୍କୁ ନଜଗନ୍ତି ତାହାହେଲେ, ବାର ବର୍ଷର ତପ ଶୁଖିଆ ପୋଡ଼ାରେ ଯାଇପାରେ । କାରଣ ସେଭଳି କିଛି ବିବାଦୀୟ ବୟାନ ଦେଇ ସରକାରଙ୍କୁ ବାରମ୍ବାର ଅପଦସ୍ତ କରୁଛନ୍ତି ଲୋକଙ୍କ ସହ ଜଡ଼ିତ ଥିବା ଯୋଗାଣ ବିଭାଗର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ଗତକାଲି କହିଥିଲେ ୫ କେଜି ଏଲପିଜି ବନ୍ଦ ହେବ । ହେଲେ ଆଜି କିନ୍ତୁ ମନ୍ତ୍ରୀଙ୍କ କଥାକୁ କାଟିଛନ୍ତି ସଚିବ । ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ମୋହନ ମାଝୀ ଲଗାତାର ଭାବେ ବିଭିନ୍ନ ପ୍ରସଙ୍ଗରେ ସାମ୍ବାଦିକ ସମ୍ମିଳନୀ କରି ଲୋକଙ୍କୁ ସିଧାସଳଖ ସୂଚନା ଦେଉଛନ୍ତି । କିନ୍ତୁ ମୋହନଙ୍କ କ୍ୟାବିନେଟର ଏଭଳି କିଛି ମନ୍ତ୍ରୀ ଅଛନ୍ତି, ଯେଉଁମାନେ ବାରମ୍ବାର ବିବାଦୀୟ ବୟାନ ଦେଇ ସରକାରକୁ ଅଡୁଆରେ ପକାଉଛନ୍ତି । ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସବୁଠୁ ଆଗରେ । ବାରମ୍ବାର ବିବାଦୀୟ ଓ ଖାମଖିଆଲି ବୟାନ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଅଡୁଆରେ ପକାଉଛନ୍ତି । ଏବେ ଏଲପିଜିକୁ ନେଇ ବିବାଦୀୟ ବୟାନ ଦେଇଥିବାବେଳେ ପୂର୍ବରୁ ପିଏନଜି, ଆଳୁ ଓ ଧାନ ବିକ୍ରି ପ୍ରସଙ୍ଗରେ କହି ସମାଲୋଚିତ ହୋଇଥିଲେ ।

FOCUS PLUS
#ଜନତାର ଖବର
ଫୋକସର ନଜର




## ଶପଥ ନେଲେ ୩ ରାଜ୍ୟସଭା ସାଂସଦ



ନୂଆଦିଲ୍ଲୀ, ୬/୪: ଶପଥ ନେଲେ ଓଡ଼ିଶାର ୩ ରାଜ୍ୟସଭା ସାଂସଦ । ଓଡ଼ିଆରେ ଶପଥ ନେଲେ ୩ ରାଜ୍ୟସଭା ସାଂସଦ ମନମୋହନ ସାମଲ, ଦିଲ୍ଲୀପ ରାୟ ଓ ସଂତୃପ୍ତ ମିଶ୍ର । ଆସାମ ନିର୍ବାଚନରୁ ଫେରିଲେ ଶପଥ ନେବେ ସୁଜିତ କୁମାର । ବିଜେପିରୁ ମନମୋହନ ଏବଂ ସୁଜିତ ନିର୍ବାଚନ ଜିତିଥିଲେ । ବିଜେଡିରୁ ସଂତୃପ୍ତ ମିଶ୍ର ଜିତିଥିଲେ । ସ୍ୱାଧୀନ ଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଦିଲୀପ ରାୟ । ସେହିପରି ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟରୁ ନିର୍ବାଚିତ ରାଜ୍ୟସଭା ସାଂସଦମାନେ ବି ଶପଥ ନେଇଛନ୍ତି । ପଶ୍ଚିମବଙ୍ଗ, ତାମିଲନାଡୁ ରାଜ୍ୟସଭା ସଦସ୍ୟ ଶପଥ ନେଇଛନ୍ତି । ଏନସିପି ନେତା ଶରଦ ପାୱାର, କେନ୍ଦ୍ରମନ୍ତ୍ରୀ ରାମଦାଶ ଅଠାୱାଲେ ଏବଂ ଡିଏମକେର ତିରୁଜି ସେଭା ଶପଥ ନେଇଛନ୍ତି । ମାର୍ଚ୍ଚ ୧୬ରେ ହୋଇଥିବା ରାଜ୍ୟସଭା ନିର୍ବାଚନରେ ବାଜି ମାରିଥିଲେ ବିଜେପିର ମନମୋହନ ସାମଲ, ସୁଜିତ କୁମାର, ବିଜେଡିର ସଂତୃପ୍ତ ମିଶ୍ର ଓ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ ।

## ଖଟି ଖବର



(ଉଲ୍ଲୁ-ଉବାଚ) (ଦେବାଶିଷ)

ବିଶ୍ୱବାସୀ ଏବେ ସାବଧାନ ରୁହ
ମଧ୍ୟପ୍ରାଚ୍ୟ ଯୁଦ୍ଧ ବଢ଼େ
ପ୍ରତିଶୋଧ ନିଆଁ ମନରେ ଲାଗିଛି
ନିରୀହଙ୍କ ମୁଣ୍ଡ ଗଡେ
କ୍ଷେପଣାସ୍ତ୍ର ରଡି ଛାଡେ...
ଧରାପୃଷ୍ଠେ ଏବେ ବାରୁଦର ବାସ୍ନା
ଅନ୍ତର ଭିତରୁ ଜଳେ ।

## ୫ ରାଜ୍ୟରୁ ୬୫୦ କୋଟି ଜବତ




ନୂଆଦିଲ୍ଲୀ, ୬/୪: ଆସନ୍ତା ବିଧାନସଭା ନିର୍ବାଚନ ଏବଂ ଉପ-ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନ ଆକ୍ସନ ମୋଡରେ ଅଛନ୍ତି । ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ବ୍ୟବହାର କରାଯାଉଥିବା ବେଆଇନ ନଗଦ ଟଙ୍କା, ମଦ ଏବଂ ଡ୍ରଗ୍ସ ଉପରେ କମିଶନଙ୍କ ଚଢ଼ାଉ ଜାରି ରହିଛି । ବର୍ତ୍ତମାନ ସୁଦ୍ଧା ୫ଟି ରାଜ୍ୟରୁ ୬୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବେଆଇନ ସାମଗ୍ରୀ ଓ ନଗଦ ଟଙ୍କା ଜବତ କରାଯାଇଛି । ନିର୍ବାଚନ କମିଶନଙ୍କ 'ଇଲେକ୍ଟ୍ରୋନିକ ଜବତ ପରିଚାଳନା ପ୍ରଣାଳୀ' ଅନୁଯାୟୀ, ୫ ଏପ୍ରିଲ ସୁଦ୍ଧା ମୋଟ୍ ୬୫୧.୫୧ କୋଟି ଟଙ୍କାର ସାମଗ୍ରୀ ଜବତ ହୋଇଛି ।

## ମୁକ୍ତିକାନ୍ତ, ମଞ୍ଜୁଲତା ବିଜେଡିରୁ ନିଲମ୍ବିତ



ଭୁବନେଶ୍ୱର, ୬।୪(ଖବର) : ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ବିଜେଡିରୁ ନିଲମ୍ବିତ। ସେହିପରି ମୁକ୍ତିକାନ୍ତଙ୍କ ପତ୍ନୀ ତଥା ଭଦ୍ରକର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳଙ୍କୁ ମଧ ବିଜେଡିରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଉଭୟଙ୍କ ବିରୋଧରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ନବୀନଙ୍କ ନିର୍ଦ୍ଦେଶ କ୍ରମେ ଉଭୟଙ୍କୁ ନିଲମ୍ବନ କରାଯାଇଛି। ମୁକ୍ତିକାନ୍ତ ମଣ୍ଡଳ ୨୦୧୪ରେ ଧାମନଗର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ମଞ୍ଜୁଲତା ମଣ୍ଡଳ ୨୦୧୯ ଲୋକସଭା ଆସନରେ ବିଜେଡିରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

## ୧୪ ବିଶ୍ୱବିଦ୍ୟାଳୟ ପାଇଁ ନୂଆ କୁଳପତି ନିଯୁକ୍ତ

**ଭୁବନେଶ୍ୱର,୬।୪(ଖବର):** ୧୪ ବିଶ୍ୱବିଦ୍ୟାଳୟ ପାଇଁ ନୂଆ କୁଳପତି ନିଯୁକ୍ତ ହୋଇଛନ୍ତି। ନୂଆ କୁଳପତି ନିଯୁକ୍ତ କଲେ କୁଳାଧିପତି ତଥା ରାଜ୍ୟପାଳ ହରିବାବୁ କମ୍ଭମପାଟି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ନିଯୁକ୍ତ ହୋଇଛନ୍ତି ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ। ସେହିପରି ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ହେଲେ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର। ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ପ୍ରଫେସରସନ୍ତୋଷ କୁମାର ତ୍ରିପାଠୀଙ୍କୁ ଦାୟିତ୍ୱ ଦିଆଯାଇଛି।

# ଦୁର୍ଘଟଣା

## ଚାଲିଗଲା ୮ ଜୀବନ



**ସୋର, ୬/୪(ଖବର):** ବାଲେଶ୍ୱର ଜିଲ୍ଲାରେ ସୋର ଥାନା ଅଞ୍ଚଳରେ ମର୍ମନ୍ତୁଦ ଦୁର୍ଘଟଣା । ୧୬ ନଂ ଜାତୀୟ ରାଜପଥ ଦହିସଡ଼ା ମଡ଼ର୍ଣ୍ଣ ହୋଟେଲ୍ ସମ୍ମୁଖରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ବାଲେଶ୍ୱରରୁ ସୋର ଅଭିମୁଖେ ଆସୁଥିବା ଏକ ଉତ୍ତର ପ୍ରଦେଶ ନମ୍ବର ଥିବା ଗାଡ଼ି ଟ୍ରକକୁ ପଛ ପଟୁ ଧକ୍କା ଦେଇଥିଲା । ଫଳରେ ଟ୍ରକରେ ଥିବା ୩ଜଣ ଗାଡ଼ି ଭିତରେ ଚାପି ହୋଇଯାଇଥିଲେ । ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ । ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ପାଣ୍ଡି ଅନ୍ତର୍ଗତ ୧୪୩ ନଂ ଜାତୀୟ ରାଜପଥର ଯମୁନାନାଖି ନିକଟରେ ରବିବାର ମଧ ରାତ୍ରିରେ ଏକ କାର ରାସ୍ତା କଡ଼ରେ ଥିବା ଢାବା ଉପରକୁ ମାଡ଼ି ଯିବାରୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଥିବା ଜଣାପଡ଼ିଛି । ନବରଙ୍ଗପୁର ଜିଲ୍ଲା ଭାରତମାଳା ରାସ୍ତାରେ ବଡ଼କୁମାରୀ ନିକଟରେ ଦୁଇ କାର ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧରେ ଜଣେ ଶିଶୁ ରହିଛି। ଏଥିସହ ୫ ଜଣ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ■ ୫କେଜି ସିଲିଣ୍ଡର ପାଇଁ ନାହିଁ କଟକଣା

# ପରିଚୟପତ୍ର ଦେଖାଇଲେ ମିଳିବ ଗ୍ୟାସ୍

## ୫ କେଜି ଗ୍ୟାସ କିଣିପାରିବେ ପ୍ରବାସୀ ଶ୍ରମିକ ଓ ଛାତ୍ରଛାତ୍ରୀ

**ଭୁବନେଶ୍ୱର, ୬/୪(ଖବର):** ୫ କେଜି ଗ୍ୟାସ୍ ବିକ୍ରିକୁ ନେଇ: ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସ୍ପଷ୍ଟୀକରଣ। ଏଣିକି ପ୍ରବାସୀ ଶ୍ରମିକ ଓ ଛାତ୍ରଛାତ୍ରୀ କିଣିପାରିବେ ୫ କେଜି ଗ୍ୟାସ୍ ସିଲିଣ୍ଡର। ପରିଚୟପତ୍ର ଦେଖାଇ ତୈଳ ମାର୍କେଟିଂ କଂପାନୀ ଦ୍ୱାରା ବିକ୍ରି ୫ କେଜି ଗ୍ୟାସ୍ କିଣିପାରିବେ। ଗ୍ୟାସ ବିକ୍ରି ନେଇ ଇ-କେୱାଇସି କରାଯିବ । ଇ-କେୱାଇସି ହୋଇଥିଲେ ପରିଚୟପତ୍ର ଦେଖାଇ କିଣିପାରିବେ। ସୂଚନା ଅନୁଯାୟୀ, ରବିବାର ଖୋଲା ବଜାରରେ ୫ କେଜି ବିଶିଷ୍ଟ ଗ୍ୟାସ ଟାଙ୍କି ବିକ୍ରି ଉପରେ ଲାଗିଥିଲା ରୋକ୍। ଯଦି କେହି ବିକ୍ରି କରୁଥିବା ବେଳେ ଧରାପଡ଼ିବେ, ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ । ଗ୍ୟାସ ବିକ୍ରି ନେଇ ଇ-କେୱାଇସି କରାଯିବ । କେବଳ ଯାହା ନାଁରେ କାର୍ଡ ଥିବ, ଗ୍ୟାସ ଏଜେନ୍ସିରୁ ସେମାନେ ହିଁ ଗ୍ୟାସ ଟାଙ୍କି ନେଇପାରିବେ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଥିଲେ। ଅପରପକ୍ଷେ ରାଜ୍ୟରେ ୫ କେଜି ବିଶିଷ୍ଟ ରନ୍ଧନ ଗ୍ୟାସ ଟାଙ୍କି ବିକ୍ରି ବନ୍ଦ ନେଇ ରାଜ୍ୟ ସରକାରଙ୍କୁ ଘେରିଥିଲେ କଂଗ୍ରେସ ଓ ବିଜେଡି ନେତା । ହଠାତ୍ ଏଭଳି ଆଇନ କରିବା ଦ୍ୱାରା ବିଭିନ୍ନ ସହରରେ ରହି ପଢୁଥିବା ଛାତ୍ରଛାତ୍ରୀ ଓ ବଡ଼ ଟାଙ୍କି କିଣିବାକୁ ଅକ୍ଷମ ପରିବାରମାନେ ଅସୁବିଧାରେ ପଡ଼ିବେ ବୋଲି ଦୁଇ ଦଳ ନେତାମାନେ କହିଛନ୍ତି । ବିଜେଡି ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା କହିଛନ୍ତି, ଯୋଗାଣ ମନ୍ତ୍ରୀଙ୍କ ଟିପ୍ପଣୀ ଦୁର୍ଭାଗ୍ୟଜନକ ।ପାଠପଢୁଆ ପିଲା ଏବେ କେଉଁଠୁ ଗ୍ୟାସ ଆଣିବ ? ଛୋଟ ପରିବାର କେମିତି ଚଳିବ ? ସରକାର ଲୋକଙ୍କୁ ଗ୍ୟାସ ଦେଇ ପାରୁନାହାନ୍ତି । ହୋଟେଲ ବନ୍ଦ ହେଲାଣି । ଏବେ ପୁଣି ୫ଲିଟିରିଆ ଗ୍ୟାସ ବିକ୍ରି ବନ୍ଦ ହେବା ଦ୍ୱାରା କଳାବଜାରୀ ବଢିବ । ଏହାର ପୁନଃବିଚାର ପାଇଁ ମୁଁ ଅନୁରୋଧ କରୁଛି ବୋଲି ବିଧାୟକ ଶ୍ରୀ ଜେନା କହିଥିଲେ।




### ■ ଟ୍ରମ୍ପଙ୍କ ଅତ୍ୟନ୍ତ ଆକ୍ରମଣାତ୍ମକ ଚେତାବନୀ

# ଇରାନ୍ ପାଇଁ ଶେଷ ଦିନ !

## କାଲି ରାତିରେ ହେବ ବଡ଼ ଯୁଦ୍ଧ

ନୂଆଦିଲ୍ଲୀ, ୬/୪: ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟା ମଧରେ ଆମେରିକା ଇରାନକୁ ହର୍ମୁଜ୍ ପ୍ରଣାଳୀ ଖୋଲିବା ପାଇଁ ଏକ ନୂତନ ସମୟସୀମା ଦେଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏକ ଅତ୍ୟନ୍ତ ଆକ୍ରମଣାତ୍ମକ ଚେତାବନୀ ଜାରି କରି କହିଛନ୍ତି ଯେ ଇରାନକୁ ମଙ୍ଗଳବାର ରାତି ୮ଟା (ଭାରତୀୟ ସମୟ ବୁଧବାର ସକାଳ ୫ଟା ୩୦) ସୁଦ୍ଧା ହର୍ମୁଜ୍ ପ୍ରଣାଳୀକୁ ସମ୍ପୂର୍ଣ୍ଣ ଭାବରେ ଖୋଲିବାକୁ ପଡିବ ନଚେତ୍ ବଡ଼ ଧ୍ୱଂସର ସମ୍ମୁଖୀନ ହେବାକୁ ପଡିବ। ଆହୁରି ମଧ ସେ କହିଛନ୍ତି "ମଙ୍ଗଳବାର ଇରାନରେ ପାୱାର ପ୍ଲାଣ୍ଟ ଦିବସ ଏବଂ ସେତୁ ଦିବସ ହେବ। ଉଭୟ ଏକା ସମୟରେ! ଯେମିତି ପୂର୍ବରୁ କେବେ ହୋଇନଥିବ। ହର୍ମୁଜ୍ ପ୍ରଣାଳୀ ଖୋଲ,ନଚେତ୍ ତୁମେ ନର୍କରେ ରହିବ। ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଯଦି ଇରାନ କୌଣସି ଚୁକ୍ତି କରେ ନାହିଁ କିମ୍ବା ପ୍ରଣାଳୀ ଖୋଲି ନଥାଏ, ତେବେ ଆମେରିକା ଇରାନର ପାୱାର ପ୍ଲାଣ୍ଟ ଏବଂ ସେତୁ ସମେତ ବେସାମରିକ ଭିତ୍ତିଭୂମିକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିବ। ଟ୍ରମ୍ପ ସ୍ପଷ୍ଟ ଭାବରେ କହିଛନ୍ତି, "ପ୍ରଣାଳୀ ଖୋଲି ଦିଅ, ନଚେତ୍ ନର୍କରେ ରହିବାକୁ ପ୍ରସ୍ତୁତ ହୁଅ।"



## ଓଡ଼ିଶା ପୋଲିସକୁ ମିଳିବ ମର୍ଯ୍ୟାଦାପୂର୍ଣ୍ଣ ସମ୍ମାନ

**ଭୁବନେଶ୍ୱର, ୬/୪(ଖବର):** ଓଡିଶା ପୋଲିସକୁ ମିଳିବ ରାଷ୍ଟ୍ରପତିଙ୍କ ଦ୍ୱାରା ମର୍ଯ୍ୟାଦାପୂର୍ଣ୍ଣ ସମ୍ମାନ । ପ୍ରଥମ ଥର ପାଇଁ ପ୍ରେସିଡେଣ୍ଟ କଲାର ସମ୍ମାନରେ ସମ୍ମାନୀତ ହେବ ରାଜ୍ୟ ପୋଲିସ । ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା ପରେ ସମ୍ମାନ ହାତେଇବା ପାଇଁ ଏକ ଭବ୍ୟ ଆୟୋଜନର କାର୍ଯ୍ୟକ୍ରମ ହେଉଛି । ଏନେଇ ପୋଲିସ ଡ଼ିଜିଙ୍କ କାର୍ଯ୍ୟାଳୟରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ଓଡ଼ିଶା ପୋଲିସର ସିନିୟର୍ ଆଇପିଏସଙ୍କ ସହ ଆଲୋଚନ କରିଛନ୍ତି ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ । ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତର କାର୍ଯ୍ୟକ୍ରମ ସମ୍ଭାବନା ରହିଛି । ସପ୍ତମ ବାଟାଲିଅନରେ ଭବ୍ୟ କ୍ରାର୍ଯ୍ୟକ୍ରମ ପାଇଁ ଆୟୋଜନ ପାଇଁ ପ୍ରସ୍ତୁତି ଚାଲିଛି । ଏହି ସମ୍ମାନ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ଦେଶର ଏକ ସାମରିକ ୟୁନିଟ୍, ତାଲିମ ପ୍ରତିଷ୍ଠାନ କିମ୍ବା ପୋଲିସ୍ ଫୋର୍ସକୁ ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ସମ୍ମାନଜନକ ପୁରସ୍କାର ହେଉଛି ପ୍ରେସିଡେଣ୍ଟ କଲର୍ ଆୱାର୍ଡ।

# ଆସିବେ ମହାମହିମ !

## ଜନଜାତି ସଂଗ୍ରହାଳୟ ଉଦ୍ଘାଟନ କରିବେ



**ରାଉରକେଲା,୬/୪(ଖବର):** ଚଳିତ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଉରକେଲା ଆସିବେ ବୋଲି କାର୍ଯ୍ୟକ୍ରମ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ସୂଚନା ମିଳିଛି । ରାଷ୍ଟ୍ରପତି ରାଉରକେଲାର ହକି ଛକ ନିକଟରେ ଥିବା ଜନଜାତି ସଂଗ୍ରହାଳୟ (ଟ୍ରାଇବାଲ ମ୍ୟୁଜିୟମ୍)ର ଉଦ୍‌ଘାଟନ କରିବେ । ତେବେ ରାଷ୍ଟ୍ରପତି କେଉଁ ତାରିଖରେ ଆସିବେ ତାହା ଧାର୍ଯ୍ୟ ହୋଇନାହିଁ । ରାଉରକେଲା ସ୍ମାର୍ଟ ସିଟି ପକ୍ଷରୁ ହକି ଛକ ନିକଟରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ରାଉରକେଲା ୱାନ୍ ପ୍ରକଳ୍ପ ନିର୍ମାଣ କରାଯାଉଛି । ରାଉରକେଲା ୱାନ୍‌ରେ ଜନଜାତି ସଂଗ୍ରହାଳୟ ସମେତ ଆଇସିସିସି (ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର) ଓ ଅଡିଟୋରିୟମ୍ ପ୍ରସ୍ତୁତ ହୋଇଛି । ଇତିମଧରେ ଆଇସିସିସି କାର୍ଯ୍ୟକ୍ଷମ ହୋଇଯାଇଥିବା ବେଳେ ଜନଜାତି ସଂଗ୍ରହାଳୟ ଉଦ୍ଘାଟନ ଅପେକ୍ଷାରେ ରହିଛି । ଏହି ସଂଗ୍ରହାଳୟ ବର୍ତ୍ତମାନ ରାଉରକେଲା ସ୍ମାର୍ଟ ସିଟି ଅଧୀନରେ ଥିବା ବେଳେ ଏହାର ଉଦ୍‌ଘାଟନ ପରେ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗକୁ ହସ୍ତାନ୍ତର କରାଯିବ ।

# ଗାଁ ଓ ବସ୍ତିରେ ଡେରା ପକାଇବେ ନେତା ଏବଂ କାର୍ଯ୍ୟକର୍ତ୍ତା

## ପ୍ରତିଷ୍ଠା ଦିବସରେ ବାଜିଲା 'ପଞ୍ଚାୟତ' ବିଗୁଲ୍

**ଭୁବନେଶ୍ୱର, ୬/୪(ଖବର):** ରାଜ୍ୟରେ ପଞ୍ଚାୟତ ନିର୍ବାଚନକୁ ଆଉ କେଇଟା ମାସ ବାକି । କ୍ଷମତାକୁ ଆସିବା ପରେ ପ୍ରଥମ ଥର ପାଇଁ ପଞ୍ଚାୟତ ପରୀକ୍ଷାର ସାମ୍ନା କରିବ ବିଜେପି । ସେଥିପାଇଁ ଏବେ ଠୁ ଆରମ୍ଭ ହୋଇସାରିଲାଣି କସରତ । ଆସନ୍ତାକାଲି ଠୁ ଆରମ୍ଭ ହେବ ୬ ଦିନିଆ ଗାଁ ଚାଲ ଅଭିଯାନ । ଗାଁ ଓ ବସ୍ତିକୁ ଯାଇ ଲୋକଙ୍କ ପାଖରେ ଲୋକଙ୍କ ସରକାରର ସଫଳତାର ବାର୍ତ୍ତା ପହଞ୍ଚାଇବାକୁ, ଆଜି ୪୭ ତମ ସ୍ଥାପନା ଦିବସରେ ଏହି ସଂକଳ୍ପ ନେଇଛି ବିଜେପି । ୪୭ ତମ ସ୍ଥାପନା ଦିବସରେ ବିଜେପିର ସଂକଳ୍ପ । ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଆଜି ଠୁ ଆରମ୍ଭ ହୋଇଛି ପ୍ରକ୍ରିୟା । ତୃଣମୂଳ ସ୍ତରରେ ସଂଗଠନ ମଜଭୁତ କରିବାକୁ ରାଜ୍ୟବ୍ୟାପୀ ଗାଁ ଓ ବସ୍ତିକୁ ଯିବ ବିଜେପି । ଏଥିପାଇଁ ଆସନ୍ତାକାଲି ଅର୍ଥାତ୍ ଏପ୍ରିଲ ୭ ରୁ ୧୨ ଯାଏଁ ଚାଲିବ ସ୍ୱତନ୍ତ୍ର 'ଗାଁ ଚାଲ ଅଭିଯାନ' । ବୁଥ୍‌ୱାରି ଲୋକଙ୍କ ସହ ଯୋଡ଼ି ହେବ ବିଜେପି । ଘରକୁ ଘର ଯିବେ ଦଳୀୟ ନେତା । ଗାଁରେ ଗାଁରେ ବସିବ ବୈଠକ। ମୋଦୀ ଓ ମୋହନ ସରକାରଙ୍କ ସଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବେ କାର୍ଯ୍ୟକର୍ତ୍ତା । ସେହିପରି ପୌର ଭୋଟ୍‌କୁ ଦୃଷ୍ଟିରେ ରଖି, ସହରାଞ୍ଚଳର ସବୁ ବସ୍ତିରେ ମଧ ଘରକୁ ଘର ବୁଲି ସଂଗଠନକୁ ମଜବୁତ କରିବ ଶାସକ ଦଳ । ଚାଷୀଙ୍କ ଧାନ ପଞ୍ଜୀକରଣଠୁ ନେଇ ଧାନ ମଣ୍ଡି ଅବ୍ୟବସ୍ଥା, ଗ୍ୟାସ୍ ସଂକଟ, ପିୟୁସିସି ଦ୍ୱନ୍ଦ୍ୱ, ଦରଦାମ୍ ବୃଦ୍ଧି, ମହୁର ବିକାଶ କାର୍ଯ୍ୟ ଓ ଆଇନ ଶୃଙ୍ଖଳା । ଚର୍ଚ୍ଚା ହେଉଛି, ଏଭଳି ବିଭିନ୍ନ କାରଣକୁ ନେଇ ଉଭୟ ଗାଁ ଓ ସହରରେ ବ୍ୟାକ୍‌ଫୁଟରେ ଅଛନ୍ତି ସରକାର । ତେବେ ସୁଭଦ୍ରା ଯୋଜନା, ଏମ୍‌ଏସ୍‌ପି ବୃଦ୍ଧି, ୧୦ କେଜି ଚାଉଳ ଓ ଅଙ୍ଗନୱାଡି ଦିଦିଙ୍କୁ ମୋବାଇଲ୍ ଆଦି ପଦକ୍ଷେପକୁ ଆଧାର କରି, ନିର୍ବାଚନ ପୂର୍ବରୁ ସରକାରଙ୍କ ପ୍ରତି ଲୋକଙ୍କ ମନରେ ସକାରାତ୍ମକ ମନୋଭାବ ଆଣିବା ପାଇଁ ଗାଁ ଚାଲ ଅଭିଯାନରେ ପ୍ରୟାସ କରିବ ବିଜେପି । ଏଥିପାଇଁ ପୂର୍ବରୁ ସମସ୍ତ ଜିଲ୍ଲା ଓ ୧ ହଜାର ୫୨ ମଣ୍ଡଳ ସ୍ତରରେ ପୂର୍ବରୁ ପ୍ରଶିକ୍ଷଣ ଦିଆଯାଇଛି । କେନ୍ଦ୍ରୀୟ ନେତୃତ୍ୱ ଆସି ପ୍ରଥମେ ଜୋନାଲ୍ ସ୍ତରୀୟ ପ୍ରଶିକ୍ଷଣ ଦେଇଥିଲେ । ସେଠାରୁ ବାର୍ତ୍ତା ଜିଲ୍ଲା ଓ ମଣ୍ଡଳ ସ୍ତରକୁ ଯାଇଥିଲା ।





# 'ବିଚାରଧାରା, ସଙ୍ଗଠନର ଶକ୍ତି ଓ ସମର୍ପଣ ଭାବକୁ ସ୍ମରଣ କରି ଦଳକୁ ଅଧିକ ସୁଦୃଢ଼ କରିବା'




**ନିରନ୍ତର କାର୍ଯ୍ୟ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ: ପ୍ରଭାତୀ ପରିଡା**
**ବିଜେପିରେ ବ୍ୟକ୍ତି ମହତ ନୁହେଁ, ସଂଗଠନ ହିଁ ମୂଳ ଆଧାର: ବିଜୟପାଳ ସିଂହ ତୋମାର**
**ବିଜେପି ଏକ ସାଧାରଣ ରାଜନୈତିକ ଦଳ ନୁହେଁ, ଏକ ଆନ୍ଦୋଳନ: ସମୀର ମହାନ୍ତି**

**ଭୁବନେଶ୍ୱର,୦୬/୦୪ (ଖବର):** ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ଥାପନା ଦିବସ ଅବସରରେ ଆଜି ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର ଦଳୀୟ ପତକା ଉତୋଳନ କରିଥିଲେ। ଏହା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

ରାଷ୍ଟ୍ରବାଦୀ ବିଚାରକୁ ଆଧାର କରି ୧୯୮୦ ମସିହାରେ ଗଠନ ହୋଇଥିବା ଭାରତୀୟ ଜନତା ପାର୍ଟି ଆଜି ୪୭ତମ ପ୍ରତିଷ୍ଠା ଦିବସ ପାଳନ କରୁଛି। ଆଜିର ଦିନଟି ଆମ ସମସ୍ତଙ୍କ ପାଇଁ ଗର୍ବର ଦିନ । ଏହି ଦଳ ଆମ ଜୀବନର ଏକ ଅଙ୍ଗ ଏବଂ 'ଦଳର ପରିଚୟ ହିଁ ମୋର ପରିଚୟ' ଏହି ପ୍ରତିବଦ୍ଧତା ମନେ ପକାଇବା ପାଇଁ ଆମେ ପ୍ରତିବର୍ଷ ଏହି ଦିବସ ପାଳନ କରିଆସୁଛୁ। ୧୯୮୦ ମସିହାରୁ ଆଜି ପର୍ଯ୍ୟନ୍ତ ବିଜେପି ଦଳରେ ଅନେକ ଉତ୍‌ଥାନ ପତନ ହୋଇଛି। ଭାରତୀୟ ଜନସଂଘର ନୀତି, ଆଦର୍ଶ, ବିଚାରଧାରା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତ୍ୟାଗ, ତପସ୍ୟା ଓ ସାଧନାରୁ ଆରମ୍ଭ ହୋଇଥିବା ଏହି ପାର୍ଟି ପାଇଁ ଅନେକ କାର୍ଯ୍ୟକର୍ତା ବଳିଦାନ ଦେଇଛନ୍ତି। ଏହି ପାର୍ଟି ଆମର ଜୀବନଶୈଳୀ ପାଲଟିଯାଇଛି। ଭାରତୀୟ ଜନତା ପାର୍ଟି ବିଚାରଧାରା ରାଷ୍ଟ୍ରୀବାଦୀ ବିଚାର ଉପରେ ଆଧାରିତ। ସଙ୍ଗଠନ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଆମ ସଂଗଠନ ଓ ବିଚାର ପରିପୂରକ ଭାବେ ଦଳକୁ ଆଜି ଶୀର୍ଷରେ ପହଂଚାଇଛନ୍ତି । ଏହି ବିଚାରଧାରା, ସଂଗଠନର ଶକ୍ତି ଓ ସମର୍ପଣ ଭାବକୁ ସ୍ମରଣ କରି ଦଳକୁ ଅଧିକ ସୃଦୃଢ କରିବ ବୋଲି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସ୍ଥାପନା ଦିବସରେ ରାଜ୍ୟ ଉପସଭାପତି ଡ. ଯତୀନ ମହାନ୍ତି କହିଛନ୍ତି।

ବିଜେପି ଏକ କାର୍ଯ୍ୟକର୍ତା ଆଧାରିତ ଦଳ। ନିରନ୍ତର କାର୍ଯ୍ୟ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ । ବିଜେପି ଏଭଳି ଏକ ଦଳ ଯେଉଁଠାରେ ଜଣେ ସାଧାରଣ କାର୍ଯ୍ୟକର୍ତା ଶୀର୍ଷରେ ପହଂଚିପାରନ୍ତି। ଆମ ଦଳର ପଂଚନିଷ୍ଠା ହେଉଛି ପ୍ରତ୍ୟେକ କାର୍ଯ୍ୟର ମୂଳ। ଆମ କାର୍ଯ୍ୟଧାରା, କାର୍ଯ୍ୟପଦ୍ଧତି, ଅନ୍ତ୍ୟୋଦୟକୁ ନେଇ ଆମେ ଆଗକୁ ବଢି ଚାଲିଛୁ। ପୂର୍ବଦ୍ୟୋୟରୁ ସ୍ୱର୍ଯ୍ୟୋଦୟ ହେବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ଆମ କାର୍ଯ୍ୟକର୍ତାଙ୍କ ଦ୍ୱାରା ହିଁ ପୂରଣ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି ।

ଏହି ଦଳ କେବଳ ରାଜନୀତି ପାଇଁ ନୁହେଁ ବରଂ ବିଚାରଧାରା ପାଇଁ ସ୍ଥାପନ କରାଯାଇଥିଲା। ଅନେକ ଭାଷାର ଲୋକେ ରହିବା ସତ୍ୱେ ସମଗ୍ର ଦେଶକୁ ଏକାତ୍ମମାନବବାଦ ଓ ସାଂସ୍କୃତିକ ରାଷ୍ଟ୍ରବାଦ ସୂତ୍ରରେ ବାନ୍ଧି ରଖିବା ପାଇଁ ଏହି ଦଳ ଗଠନ କରାଯାଇଥିଲା । ଏଥିରେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ, କୁଶାଭାଇ ଠାକରେ, ଅଟଳବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡ୍‌ଭାନୀ ପ୍ରମୁଖଙ୍କ ଅତୁଳନୀୟ ଅବଦାନ ରହିଛି । ବହୁ ସଂଘର୍ଷ ପରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟଙ୍କ ବିଚାରଧାରା ଅନ୍ତ୍ୟୋଦୟକୁ ଆଧାର କରି ଭାରତୀୟ ଜନତା ପାର୍ଟି ଗଠନ କରାଯାଇଥିଲା। ତୃଣମୂଳସ୍ତରରୁ ଜାତୀୟସ୍ତର ପର୍ଯ୍ୟନ୍ତ ଦଳର ସବୁସ୍ତରରେ ଯେପରି ଲୋକତନ୍ତ୍ର, ନିରପେକ୍ଷତା ରହିବ ସେ ଉପରେ ଗୁରତ୍ୱ ଦିଆଯାଇଥିଲା । ବିଜେପିରେ ବ୍ୟକ୍ତି ମହତ ନୁହେଁ, ସଂଗଠନ ହିଁ ମୂଳ ଆଧାର। ଏହି ଦଳର କାର୍ଯ୍ୟକର୍ତା ଲୋକତନ୍ତ୍ର, ରାଷ୍ଟ୍ରବାଦ, ନିରପେକ୍ଷତା, ସର୍ବଧର୍ମ ସମଭାବନା, ମୂଲ୍ୟବୋଧ ଅଧାରିତ ରାଜନୀତି ଉପରେ କାର୍ଯ୍ୟ କରନ୍ତି। ରାଷ୍ଟ୍ର ସର୍ବୋପରି ପରେ ପରିବାର ବୋଲି ବିଜେପି ପାର୍ଟିରୁ ଶିକ୍ଷା ମିଳେ। ଗତ ୨ ବର୍ଷରେ ବିଜେପି ସରକାରଙ୍କ କାର୍ଯ୍ୟଶୈଳୀ ଉପରେ ଓଡିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବଢିଚାଲିଛି । ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ଗଢି ତୋଳିବା ପାଇଁ ପାର୍ଟିର ବିଚାରଧାରାକୁ ଆଗକୁ ନେଇ କାର୍ଯ୍ୟ କରିବାକୁ ପଡିବ ବୋଲି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂହ ତୋମାର କହିଛନ୍ତି ।

ପୂର୍ବତନ ରାଜ୍ୟ ସଭାପତି ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଓ ସ୍ଥାପନା ଦିବସ କେନ୍ଦ୍ରୀୟ ଟୋଲିର ସଦସ୍ୟ ସମୀର ମହାନ୍ତି କହିଛନ୍ତି ଯେ, ୪୭ ବର୍ଷର ଏହି ଯାତ୍ରାରେ ଅନେକ କାର୍ଯ୍ୟକର୍ତାଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନ ରହିଛି । ଭାରତୀୟ ଜନତା ପାର୍ଟି ଏକ ସାଧାରଣ ରାଜନୈତିକ ଦଳ ନୁହେଁ, ଏହା ଏକ ଆନ୍ଦୋଳନ। ବିଜେପି ଦେଶରେ ଏକ ନୂତନ ରାଜନୈତିକ ସଂସ୍କୃତିକୁ ପରିପ୍ରକାଶ କରିଛି । ସମାଜକୁ ସଂଗଠିତ କରି "ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ"କୁ ମୁଳମନ୍ତ୍ର କରି ରାଷ୍ଟ୍ରହିତ ଓ ସମାଜର ସବୁବର୍ଗର ଉନ୍ନତି ପାଇଁ ବିଜେପି କାର୍ଯ୍ୟ କରୁଛି। ଏବେ ସାମଗ୍ରିକ ଓ ସନ୍ତୁଳିତ ବିକାଶ ସମେତ ସାମାଜିକ ଆନ୍ଦୋଳନକୁ ଆଗକୁ ନେବାକୁ ସମୟ ଆସିଛି। ବିଜେପି ହେଉଛି ବିଶ୍ୱର ସବୁଠାରୁ ବଡ ରାଜନୈତିକ ଦଳ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ହେଉଛନ୍ତି ବିଶ୍ୱର ସର୍ବାଧିକ ଜନପ୍ରିୟ ନେତା । ତାଙ୍କ ନେତୃତ୍ୱରେ ବିକଶିତ ରାଷ୍ଟ୍ର ଗଢିବା ପାଇଁ ଯେଉଁ ଲକ୍ଷ୍ୟ ସ୍ଥିର କରାଯାଇଛି ସେଥିପାଇଁ ଅଗଣିତ କାର୍ଯ୍ୟକର୍ତା ନିଜକୁ ସାମିଲ କରିଛନ୍ତି।

ଅନେକ କାର୍ଯ୍ୟକର୍ତାଙ୍କ ଉଦ୍ୟମ ଯୋଗୁ ବିଜେପି ଆଜି ବିରାଟ ବଡ ଦ୍ରୁମରେ ପରିଣତ ହୋଇପାରିଛି। ଆଗକୁ ଦଳକୁ ତୃଣମୂଳସ୍ତରରେ ଅଧିକ ସୁଦୃଢ କରିବାକୁ ହେବ। ସମୃଦ୍ଧ ଓ ବିକଶିତ ଓଡିଶା ଗଠନ ପାଇଁ କାର୍ଯ୍ୟକର୍ତାଙ୍କ ତପସ୍ୟା ଅପରିହାର୍ଯ୍ୟ ବୋଲି ବରିଷ୍ଠ ନେତା ତଥା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିବା ସହିତ ସ୍ଥାପନା ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ରାଜ୍ୟ ସାଧାରଣ ସମ୍ପାଦକ ସୀମାଂଚଳ ଖଟେଇ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବାବେଳେ ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ପୂର୍ବତନ ରାଜ୍ୟ ସଭାପତି ବିମ୍ବାଧର କୁଅଁର, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସାଂଗଠନିକ କାର୍ଯ୍ୟ ପାଇଁ ମଧୁସ୍ମିତା ରାଉତ, ହେମନ୍ତ ମହାନ୍ତି, କୃଷ୍ଣଚନ୍ଦ୍ର ଦତ, ସୁରେନ୍ଦ୍ରନାଥ ଜେନା ଓ ଅଭିମନ୍ୟୁ ଗିରିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜମି ନାଁରେ ଠକେଇ, ଅଭିଯୁକ୍ତ ଗିରଫ



**ଭୁବନେଶ୍ୱର, ୬।୪ (ଖବର) :** ଜମି ଦେବା ନାଁରେ ଲକ୍ଷଲକ୍ଷ ଟଙ୍କା ଠକି ନେବା ଅଭିଯୋଗରେ ମଂଚେଶ୍ୱର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପ୍ରମୋଦ କୁମାର ପଲେଇ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ହୃଷିକେଶ ସାମଲ ଏକ ଜମି କିଣିବା ପାଇଁ ଅଭିଯୁକ୍ତ ପ୍ରମୋଦ କୁମାର ପଲେଇ ଓ ତାଙ୍କ ପରିବାର ସଦସ୍ୟ ମାନଙ୍କ ସହ ଏକ ଚୁକ୍ତି କରିଥିଲେ ଏବଂ ଅନଲାଇନ୍ ମାଧ୍ୟମରେ ମୋଟ ୨୪,୦୦,୦୦୦/- ଟଙ୍କା ପରିଶୋଧ କରିଥିଲେ। କିନ୍ତୁ ଅଭିଯୁକ୍ତମାନେ ବିକ୍ରୟ ଡିଡ୍ କାର୍ଯ୍ୟକାରୀ କରିନଥିଲେ ଓ ଟଙ୍କା ଫେରସ୍ତ ଦେଇନଥିଲେ। ପରବର୍ତ୍ତୀ ସମୟରେ ସେମାନେ କିସ୍ତିରେ ଟଙ୍କା ଫେରସ୍ତ ଦେବାକୁ ଚୁକ୍ତିନାମା କରିଥିଲେ, କିନ୍ତୁ ସେଥିରେ ମଧ୍ୟ ବିଫଳ ହୋଇଥିଲେ।

ପୁଣିଥରେ ଜମି ବିକ୍ରୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ସତ୍ୱେ, ପଞ୍ଜୀକରଣ କରିବାକୁ ମନା କରିଥିଲେ। ବକେୟା ରାଶି ପରିଶୋଧ ପାଇଁ ଅଭିଯୁକ୍ତ ପ୍ରମୋଦ କୁମାର ପଲେଇଦ୍ୱାରା ଅନେକ ଚେକ୍ ଦିଆଯାଇଥିଲା, ଯାହା ପରେ ଅବୈଧ ବୋଲି ପ୍ରମାଣିତ ହୋଇଥିଲା ଏବଂ ଜମା କରିବାବେଳେ ଗୋଟିଏ ଚେକ୍ ଅଗ୍ରାହ୍ୟ ହୋଇଥିଲା। ଏହିପରି ଅଭିଯୁକ୍ତମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ ଅଭିଯୋଗକାରୀଙ୍କୁ ଟଙ୍କା ଦେବାକୁ ପ୍ରଲୋଭିତ କରି ଠକେଇ କରିଥିଲେ।

ତଦନ୍ତ ସମୟରେ ଚୁକ୍ତିନାମା ଓ ଚେକ୍ ସମେତ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଅଭିଯୁକ୍ତକୁ ଗିରଫ କରାଯାଇ ପଚରାଉଚରା ସମୟରେ ତାଙ୍କର ଅପରାଧରେ ସମ୍ପୃକ୍ତି ସ୍ପଷ୍ଟ ହୋଇଥିଲା। ଯାଞ୍ଚରୁ ଏହା ମଧ୍ୟ ପ୍ରକାଶ ପାଇଥିଲା ଯେ, ଅଭିଯୁକ୍ତ ପୂର୍ବରୁ ଲକ୍ଷ୍ମୀସାଗର ଥାନା ଅଧୀନରେ ଠକେଇ ଓ ଅନ୍ୟାନ୍ୟ ଅପରାଧ ସମ୍ବନ୍ଧୀୟ ଗୋଟିଏ ମାମଲାରେ ଜଡିତ ଥିଲେ। ଅଭିଯୁକ୍ତଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନଅନୁଯାୟୀ ଆଜି ତାଙ୍କୁ କୋର୍ଟକୁ ଚାଲାଣ କରାଯାଇଛି।

# ପ୍ରଭୁ ଲିଙ୍ଗରାଜଙ୍କ ନୀତି ବନ୍ଦ



**ସୁଆର ଓ ବଡୁ ନିଯୋଗ ବିବାଦ**

**ଭୁବନେଶ୍ୱର, ୦୬।୦୪ (ଖବର):** ଏକାମ୍ର କ୍ଷେତ୍ରର ଆରାଧ ଦେବ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରରେ ଏବେ ଅଚଳାବସ୍ଥା। ରୁପା ଘୋଡ଼ଣିକୁ ନେଇ ଦୁଇ ପ୍ରମୁଖ ସେବାୟତ ନିଯୋଗ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଉଗ୍ର ରୂପ ଧାରଣ କରିଛି। ଫଳରେ ସୋମବାର ସକାଳ ୯ଟାରୁ ମନ୍ଦିରର ସମସ୍ତ ନୀତିକାନ୍ତି ବନ୍ଦ ରହିଥିବାରୁ ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ଦର୍ଶନ ନପାଇ ନିରାଶ ହୋଇଛନ୍ତି ।

ସୂଚନା ଅନୁଯାୟୀ, ମହାପ୍ରଭୁଙ୍କ ଲିଙ୍ଗକୁ ସୁରକ୍ଷା ଦେବା ପାଇଁ ବ୍ୟବହୃତ ହେଉଥିବା ରୁପା ଘୋଡ଼ଣିକୁ ନେଇ ବିବାଦର ସୂତ୍ରପାତ ହୋଇଛି। ଗର୍ଭଗୃହ ମଧ୍ୟରେ ବଡୁ ନିଯୋଗ ଏବଂ ସୁଆର ନିଯୋଗର ସେବାୟତଙ୍କ ମଧ୍ୟରେ ଏହାକୁ ନେଇ ପ୍ରବଳ ଯୁକ୍ତିତର୍କ ଓ ପରେ ଗଣ୍ଡଗୋଳ ହୋଇଥିଲା। ବିବାଦ ଏତେ ବଢ଼ିଥିଲା ଯେ, ସକାଳ ୯ଟା ପରଠାରୁ ପ୍ରଭୁଙ୍କ ନୀତିକାନ୍ତି ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

ବଡୁ ନିଯୋଗ ସମ୍ପାଦକ କମଳାକାନ୍ତ ବଡୁ ସୁଆର ନିଯୋଗ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ତାଙ୍କ କହିବାନୁସାରେ, ସୁଆର ନିଯୋଗ ପକ୍ଷରୁ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଛି। ମହାପ୍ରଭୁଙ୍କ ରୁପା ଘୋଡ଼ଣିକୁ ସୁଆର ନିଯୋଗର ସେବାୟତମାନେ ଚୋରି କରି ନେଇଯାଉଥିବା ବେଳେ ବଡୁ ନିଯୋଗ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା ।

ଏହି ବିବାଦ ସମ୍ପର୍କରେ ଲିଙ୍ଗରାଜ ମନ୍ଦିର ପ୍ରଶାସନକୁ ତୁରନ୍ତ ଅବଗତ କରାଯାଇଛି। କମଳାକାନ୍ତ ବଡୁ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ନୀତିକାନ୍ତି ସ୍ୱାଭାବିକ କରିବା ପାଇଁ ପ୍ରଶାସନ ପକ୍ଷରୁ ଆଲୋଚନା ଜାରି ରହିଛି। 'ରୁପା ଘୋଡ଼ଣିକୁ ସୁରକ୍ଷା ଦେବା ଆମର କାମ, କିନ୍ତୁ ସୁଆର ନିଯୋଗ ଏହାକୁ ଚୋରି କରିବାକୁ ଉଦ୍ୟମ କରୁଛନ୍ତି ଏବଂ ବିରୋଧ କଲେ ହତ୍ୟା ଧମକ ଦେଉଛନ୍ତି' ବୋଲି ସେ କହିଛନ୍ତି।

# ଆତଙ୍କ ସୃଷ୍ଟିକାରୀ ଗିରଫ

**ଭୁବନେଶ୍ୱର, ୬।୪ (ଖବର) :** ଖଣ୍ଡା-ଭୁଜାଲି ଦେଖାଇ ଆତଙ୍କ ସୃଷ୍ଟି କରୁଥିବା ଅଭିଯୋଗରେ ନୁଆପଲ୍ଲୀ ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପବିତ୍ର ଦଲେଇ। ପୁଲିସ ତା ନିକଟରୁ ଏକ କାର ଜବତ କରିଛି। ପରେ ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

ସୂଚନାଯୋଗ୍ୟ ଯେ, ଆଜି ସକାଳ ନୟାପଲ୍ଲୀ ଥାନାର ଏସ୍‌ଆଇ ପ୍ରତାପ କୁମାର ଦାସ ଓ ତାଙ୍କ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ, ଜଣେ ବ୍ୟକ୍ତି ଜୁଡିଓ ସ୍କ୍ୱାର ନିକଟରେ ଠିଆ ହୋଇ ଖଣ୍ଡା ଦେଖାଇ ସାଧାରଣ ଲୋକମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଥିବା ବିଷୟରେ ବିଶ୍ୱସନୀୟ ସୂତ୍ରରୁ ସୂଚନା ପାଇଥିଲେ। ସୂଚନା ଅନୁଯାୟୀ ପୋଲିସ ଦଳ ଘଟଣାସ୍ଥଳକୁ ପହଞ୍ଚି ଅଭିଯୁକ୍ତଙ୍କୁ ବର୍ଣ୍ଣନା ସହିତ ମେଳ ଖାଉଥିବା ଦେଖିଥିଲା। ପୋଲିସକୁ ଦେଖି ସେ ଏକ ଗାଡ଼ିରେ ଅସ୍ତ୍ର ଲୁଚାଇ ପଳାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ତୁରନ୍ତ ତାଙ୍କୁ ଧରି ଗିରଫ କରାଯାଇଥିଲା। ତଦନ୍ତ ସମୟରେ ଅଭିଯୁକ୍ତଙ୍କ ହେପାଜତରୁ ଏକ ସ୍ୱିଫ୍ଟ ଡିଜାୟାର ଗାଡ଼ି ଜବତ କରାଯାଇଥିଲା ଏବଂ ଗାଡ଼ିର ଡିକିରୁ ଗୋଟିଏ ଲୁହା ଖଣ୍ଡା ଉଦ୍ଧାର କରାଯାଇଥିଲା।

# ଏକାମ୍ର କ୍ଷେତ୍ରରେ 'ଐତିହ୍ୟ ମାରାଥନ' ଅନୁଷ୍ଠିତ



**ଓଡ଼ିଆ ଅସ୍ମିତା ପାଇଁ ଦୌଡ଼**

**ଭୁବନେଶ୍ୱର, ୦୬।୦୪ (ଖବର):** ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ 'ଓଡ଼ିଆ ପକ୍ଷ' ଅବସରରେ ପଞ୍ଚମ ଦିବସରେ ଆଜି ରାଜଧାନୀର ଐତିହାସିକ ଏକାମ୍ର କ୍ଷେତ୍ରରେ 'ଐତିହ୍ୟ ଗଣଦୌଡ଼' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୫:୩୦ ମିନିଟରେ ସ୍ଥାପତ୍ୟର ଅନନ୍ୟ ନିଦର୍ଶନ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ଏହି ଦୌଡ଼ର ଶୁଭାରମ୍ଭ ହୋଇଥିଲା।

ଏହି ପବିତ୍ର ମୁକ୍ତେଶ୍ୱର ମନ୍ଦିର ପୀଠରୁ ବାହାରି ଐତିହ୍ୟ ଗଣଦୌଡ଼ ରାମେଶ୍ୱର ମନ୍ଦିର, ବିବେକାନନ୍ଦ ମାର୍ଗ, ଉତ୍କଳ କନିକା ଗ୍ୟାଲେରିଆ ମଲ୍, ଲୁଇସ୍ ରୋଡ୍, ବିଜେବି କଲେଜ ଏବଂ ରବି ଟକିଜ ଛକ ଦେଇ ଐତିହାସିକ ରାଜାରାଣୀ ମନ୍ଦିରଠାରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ହଜାର ହଜାର କ୍ରୀଡ଼ାବିତ୍, ଯୁବଗୋଷ୍ଠୀ, ଦିବ୍ୟାଙ୍ଗ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଅତ୍ୟନ୍ତ ଉତ୍ସାହର ସହ ସାମିଲ ହୋଇ ଓଡ଼ିଶାର ସମୃଦ୍ଧ କୀର୍ତ୍ତିରାଜିର ସୁରକ୍ଷା ଓ ପ୍ରଚାର ପାଇଁ ସଂକଳ୍ପ ନେଇଥିଲେ।

ଏହି ଐତିହ୍ୟ ଗଣଦୌଡରେ ଚନ୍ଦନ ସାମଲ ପ୍ରଥମ, ସିଦ୍ଧାର୍ଥ କୁମାର ମିଶ୍ର ଦ୍ୱିତୀୟ ଏବଂ ବିଜୟ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ବିଜୟୀ ହୋଇଥିବା ଚନ୍ଦନ ସାମଲ, ସିଦ୍ଧାର୍ଥ କୁମାର ମିଶ୍ର ଏବଂ ବିଜୟ ଅଗ୍ରୱାଲଙ୍କୁ ପଦକ ପ୍ରଦାନ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଐତିହ୍ୟ ଗଣଦୌଡରେ ସାମିଲ ହୋଇଥିବା ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ପଦକ ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଏକାମ୍ର ବିଧାୟକ କହିଥିଲେ ଯେ, ଏହି ଗଣଦୌଡ଼ କେବଳ ଏକ କ୍ରୀଡ଼ା କାର୍ଯ୍ୟକ୍ରମ ନୁହେଁ, ବରଂ ନିଜ ଐତିହ୍ୟ ସହ ଯୁବପିଢ଼ିକୁ ଯୋଡ଼ିବାର ଏକ ସୁନ୍ଦର ପ୍ରୟାସ। ଆମ ରାଜ୍ୟର ପ୍ରାଚୀନ ମନ୍ଦିର ଓ କୀର୍ତ୍ତିରାଜି ହେଉଛି ଓଡ଼ିଆ ଅସ୍ମିତାର ପ୍ରତୀକ ଏବଂ ଏହାର ସଂରକ୍ଷଣ କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଶେଷରେ ସେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଏବଂ କ୍ରୀଡା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ଅଭିଯାନ ମାଧ୍ୟମରେ ଯୁବପିଢ଼ିକୁ ନିଜ ମାଟିର ଗୌରବମୟ ଇତିହାସ ସହ ଯୋଡ଼ିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭୁପେନ୍ଦ୍ର ସିଂ ପୁନିଆ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ଓ ବିଜୟ କୁମାର ସ୍ୱାଇଁଙ୍କ ସମେତ ଅଲମ୍ପିଆନ୍ ଅନୁରାଧା ବିଶ୍ୱାଳ ଓ ଲୋକପ୍ରିୟ ଓଡିଆ ଚଳଚ୍ଚିତ୍ର ଅଭିନେତ୍ରୀ ସୁଶ୍ରୀ ସଙ୍ଗୀତା ଶିବାନୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜାଦନଗର ବିସ୍ଫୋରଣ ଘଟଣା

# ତଦନ୍ତ କରିବ ଏନ୍‌ଆଇଏ



**ଭୁବନେଶ୍ୱର, ୬।୪ (ଖବର) :** ରାଜଧାନୀ ଆଜାଦନଗର ବିସ୍ଫୋରଣ ଘଟଣାର ଏନଆଇଏ ତଦନ୍ତ କରିବ। ବିସ୍ଫୋରଣ ଘଟଣା, ଅପରାଧିକ ଲିଙ୍କ, ଆତଙ୍କି ହମଲା ସମ୍ପର୍କିତ ତଦନ୍ତ କରିବ ଏନଆଇଏ । ଗତ ଜାନୁଆରୀ ୨୭ ତାରିଖରେ ସୁନ୍ଦରପଦା ଆଜାଦ ନଗରରେ ହୋଇଥିଲା ଭୟଙ୍କର ବିସ୍ଫୋରଣ । ମୁଖ୍ୟ ଅଭିଯୁକ୍ତ ସେହେନୱାଜ ମଲ୍ଲିକ ଓରଫ ମଫି ଓ ତା' ମା'ଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଏନଆଇଏ ଏ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତର ପୂର୍ଣ୍ଣ ଭାର କମିଶନରେଟ ପୁଲିସ ଠାରୁ ହାତକୁ ନେଇଛି ।

ଏହି ତଦନ୍ତ ପ୍ରକ୍ରିୟା ବେଳେ ଜବତ ହୋଇଥିବା ବିସ୍ଫୋରକ ଆରଡିଏକ୍ସର ବ୍ୟବହାର, ମଫି ର ଆନ୍ତରାଜ୍ୟ ଲିଙ୍କ, ପୂର୍ବର ଅପରାଧିକ ମାମଲା ସମ୍ପର୍କରେ ହୋଇପାରେ ଅଧିକ ଖୋଳତାଡ଼। ଠିକ ସେହିପରି ଏତେ ପରିମାଣର ଆରଡିଏକ୍ସ କେଉଁଠାରେ ବ୍ୟବହାର ହୋଇଥାନ୍ତା ଏ ସମ୍ପର୍କରେ ଅଧିକ ଖୋଳତାଡ଼ କରିବା ପାଇଁ ଏକାଧିକ ଲୋକଙ୍କୁ ପଚରାଉଚରା ଜାରି ରଖିଛି ଏନଆଇଏ । ଏପରିକି ମୁଖ୍ୟ ଅଭିଯୁକ୍ତ ତଥା ମୃତ ମୁଫିର ଗାର୍ଲଫ୍ରେଣ୍ଡକୁ ଅଧିକ ପଚରାଉଚରା କରୁଛି ଏନଆଇଏ।

ଉଲ୍ଲେଖଯୋଗ୍ୟ ଯେ, ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ନିୟୁ ଆଜାଦନଗରରେ ବୋମା ଭିଡୁଥିବା ସମୟରେ ଏହି ବିସ୍ଫୋରଣ ଘଟିଥିଲା । ଏଥିରେ ମୁଖ୍ୟ ଅଭିଯୁକ୍ତ ସେହେନୱାଜଙ୍କ ସମେତ ତାଙ୍କ ବାନ୍ଧବୀ, ମାଆ ଓ ବନ୍ଧୁ ଅମୀୟ ମଲ୍ଲିକ ଆହତ ହୋଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ମୁଖ୍ୟ ଅଭିଯୁକ୍ତ ସେହେନୱାଜ ଏବଂ ତାଙ୍କ ମାଆଙ୍କ ମୃତ୍ୟୁ ଘଟିଥିଲା ।

# ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରେ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ





**ଭୁବନେଶ୍ୱର, ୦୬।୦୪ (ଖବର):** ଆଜି ପୂର୍ବାହ୍ନରେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀରେ ୯ମ ବ୍ୟାଚ୍ ଡିଏସପି ପ୍ରୋବେସନରଙ୍କ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ।

ନବମ ବ୍ୟାଚ୍‌ର ୫ ଜଣ ଡିଏସପି ସଫଳତାର ସହ ମୌଳିକ ପ୍ରଶିକ୍ଷଣ ସମାପ୍ତ କରି ଏହି ଦୀକ୍ଷାନ୍ତ ସମାରୋହରେ ଭାଗ ନେଇଥିଲେ। ଏହି ଅବସରରେ ଡିଜିପି ସମସ୍ତ ନବନିଯୁକ୍ତ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କୁ ଓଡ଼ିଶା ପୋଲିସର ନୂତନ ଶକ୍ତି ଭାବେ ଜନସେବାରେ ନିବେଶିତ ହେବାକୁ ଆହ୍ୱାନ ଦେଇଥିଲେ।

ତାଙ୍କ ଉଦବୋଧନରେ ଡିଜିପି କହିଥିଲେ ଯେ, ଏକାଡେମୀ ପକ୍ଷରୁ ପ୍ରଦାନ କରାଯାଇଥିବା ଗୁଣାତ୍ମକ ପ୍ରଶିକ୍ଷଣ ନୂତନ ଅଧିକାରୀମାନଙ୍କୁ ଦାୟିତ୍ୱବାନ, ସକ୍ଷମ ଓ ପେଶାଦାର ଭାବେ ଗଢ଼ି ତୋଳିବ। ଆଗାମୀ ଦିନରେ ସାଇବର ଅପରାଧ, ସଂଗଠିତ ଅପରାଧ ଓ ଅନ୍ୟାନ୍ୟ ଚ୍ୟାଲେଞ୍ଜକୁ ସାହସ ଓ ସତ୍ୟନିଷ୍ଠାର ସହିତ ମୁକାବିଲା କରିବା ପାଇଁ ଡିଜିପି ପରାମର୍ଶ ଦେଇଥିଲେ।

ରାଜ୍ୟ ସରକାରଙ୍କ ଦ୍ୱାରା ପୋଲିସ ବ୍ୟବସ୍ଥାକୁ ସଶକ୍ତ ଓ ଆଧୁନିକ କରିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ନୂତନ ପଦବୀ ସୃଷ୍ଟି, ନିଯୁକ୍ତି ପ୍ରକ୍ରିୟା, ଓଏସଏସଏଫ, ଓଆଇଏସଏଫ ଓ ଓଡ୍ରାଫ ୟୁନିଟର ବିସ୍ତାର ଓ ଟ୍ରାଫିକ ପରିଚାଳନାକୁ ସୁଦୃଢ଼ କରିବା ପଦକ୍ଷେପଗୁଡିକ ପୋଲିସ ବାହିନୀକୁ ଆହୁରି ଶକ୍ତିଶାଳୀ କରୁଥିବା ସେ କହିଥିଲେ।

ସେହିପରି, ନୂତନ ଅପରାଧିକ ଆଇନଗୁଡିକର ସଠିକ୍ କ୍ରିୟାନ୍ୱୟନ ଓ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧିରେ ପୋଲିସର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

"ସେବା ଓ ସୁରକ୍ଷା" ହେଉଛି ଓଡ଼ିଶା ପୋଲିସର ମୂଳମନ୍ତ୍ର ଏବଂ ସମାଜର ଦୁର୍ବଳ ଶ୍ରେଣୀ, ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପ୍ରଥମ କର୍ତ୍ତବ୍ୟ। ପେଶାଦାରିତା, ସମ୍ବେଦନଶୀଳତା ଓ ଉତ୍ତମ ବ୍ୟବହାର ଦ୍ୱାରା ପୋଲିସର ପ୍ରତିଛବିକୁ ଉଜ୍ଜ୍ୱଳ କରିବାକୁ ଡିଜିପି ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଡିଜିପି କୃତୀ ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ସୃଷ୍ଟି ପ୍ରଧାନଙ୍କୁ ସର୍ବଶ୍ରେଷ୍ଠ ପ୍ରୋବେସନର ଭାବେ ଗଭର୍ଣ୍ଣର ମେଡାଲ ଏବଂ ଟ୍ରଫି ସହିତ ଇନଡୋର ବିଷୟରେ ସର୍ବୋଚ୍ଚ ନମ୍ବର ଓ ଏନଆଇସିଏଫଏସ ମେଡାଲ୍ ଅର୍ଜନ କରିଥିଲେ। ସେହିପରି ସୌରଭ ରଞ୍ଜନ ପ୍ରଧାନ ଦ୍ୱିତୀୟ ସର୍ବଶ୍ରେଷ୍ଠ ପ୍ରୋବେସନର ଭାବେ ସମ୍ମାନିତ ହେବା ସହ ଆଉଟଡୋର ବିଷୟରେ ସର୍ବୋଚ୍ଚ ନମ୍ବର ପାଇଥିଲେ । ପଙ୍କଜ ମାଝୀ ଏଇଟି କାର୍ସରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଡାଇରେକ୍ଟର ଟ୍ରଫି ଲାଭ କରିଥିଲେ। ଏହି ସଫଳତା ପ୍ରଶିକ୍ଷାର୍ଥୀମାନଙ୍କର କଠୋର ପରିଶ୍ରମ, ନିଷ୍ଠା ଓ ଉଚ୍ଚ ମାନର ପ୍ରଶିକ୍ଷଣ ପାଇଁ ସମ୍ଭବ ହୋଇଥିଲା।

ସମାରୋହରେ ଏକାଡେମୀର ନିର୍ଦ୍ଦେଶିକା ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ଏସ. ସାଇନି, ବରିଷ୍ଠ ପୋଲିସ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ, ପ୍ରଶିକ୍ଷାର୍ଥୀଙ୍କ ପରିବାରବର୍ଗ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ୪୦ ପରେ ମହିଳାଙ୍କ ସ୍ୱାସ୍ଥ୍ୟ ସମସ୍ୟା

ପୂର୍ବରୁ ୪୦ ବର୍ଷ ବୟସରେ ପହଞ୍ଚିଲା ବେଳକୁ ଜଣେ ନିଜକୁ ବୟସ୍କ ବୋଲି ଭାବି ନେଉଥିଲେ। କିନ୍ତୁ ଏବେ କୁହାଯାଉଛି ଯେ ୪୦ରୁ ଜୀବନ ଆରମ୍ଭ। ତେବେ ମହିଳାଙ୍କ କ୍ଷେତ୍ରରେ ୪୦ ବର୍ଷ ପରେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ। ଏହି ସମୟରେ ସେମାନେ ନିଜର ସ୍ୱାସ୍ଥ୍ୟକୁ ନେଇ ଯତ୍ନବାନ ହେବା ଆବଶ୍ୟକ।

ହୃଦଘାତ : ଏହି ବୟସରେ ମହିଳାଙ୍କୁ ଅଧିକ ହୃଦଘାତ ହେବା ଆଶଙ୍କା ଥାଏ। ଖରାପ ଜୀବନ ଶୈଳୀ, ବ୍ୟାୟାମ ନ କରିବା ତଥା ଓଜନ ବୃଦ୍ଧି ଯୋଗୁଁ ହୃଦଘାତ ହେବା ଆଶଙ୍କା ଅଧିକ ବଢ଼ିଯାଏ। ଏଥିପାଇଁ ମହିଳାଙ୍କୁ ସନ୍ତୁଳିତ ଖାଦ୍ୟ ଖାଇବା ସହିତ ନିୟମିତ ବ୍ୟାୟାମ ଉପରେ ଧ୍ୟାନ ଦେବାକୁ ପଡ଼ିବ।

ଭିଟାମିନ ଅଭାବ : ଭିଟାମିନର ଅଭାବ ଯେ କୌଣସି ବୟସରେ ଦେଖାଦେଇପାରେ। ତେବେ ମହିଳାଙ୍କ କ୍ଷେତ୍ରରେ ଏହା ୪୦ ବର୍ଷ ବୟସରେ ପରେ ସାଧାରଣତଃ ଦେଖାଦେଇଥାଏ। ଭିଟାମିନ ଅଭାବ ଯୋଗୁଁ ଓଜନ କମିବା, ସ୍ମରଣଶକ୍ତି ହ୍ରାସ ପାଇବା, ଋତୁସ୍ରାବରେ ଅନିୟମିତତା ଆଦି ସମସ୍ୟା ଦେଖାଦେଇଥାଏ।

ସ୍ତନ କର୍କଟ : ୩୦ରୁ ୪୦ ବର୍ଷ ବୟସ ମଧ୍ୟରେ ମହିଳାଙ୍କୁ ସ୍ତନ କର୍କଟ ହେବା ସମ୍ଭାବନା ଅଧିକ ଥାଏ। ତେବେ ଏହି ମାରାତ୍ମକ ରୋଗରୁ ନିଜକୁ ରକ୍ଷା କରିବା ପାଇଁ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସହ ଜୀବନ ଶୈଳୀ ଉପରେ ଧ୍ୟାନ ଦେବାକୁ ପଡ଼ିବ। ପ୍ରାଥମିକ ଅବସ୍ଥାରୁ ଯଦି ଠିକ ଭାବେ ଚିକିତ୍ସା କରାଯାଏ ସ୍ତନକର୍କଟ ଦୂର କରାଯାଇପାରିବ।

ଆକସ୍ମିକ ଗର୍ଭଧାରଣ : ୪୦ ବର୍ଷ ବୟସରେ ମହିଳାମାନେ ଗର୍ଭଧାରଣ କରିପାରିବେ। କିନ୍ତୁ ଅନେକଙ୍କ ଧାରଣା ଥାଏ ଯେ, ୪୦ ବର୍ଷ ବୟସ ହୋଇଗଲେ ଜନ୍ମ ନିୟନ୍ତ୍ରଣ ଆବଶ୍ୟକ ନଥାଏ। କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା। ମହିଳାମାନେ ଯେ କୌଣସି ବୟସରେ ଗର୍ଭଧାରଣ କରିପାରିବେ। ଯଦିଓ ୪୦ରୁ ଊର୍ଦ୍ଧ୍ୱ ବୟସ ମହିଳାମାନେ ଗର୍ଭଧାରଣ କରିବା ଆଦୌ ପରାମର୍ଶଦାୟକ ନୁହେଁ।

ମଧୁମେହ : ୪୦ ବର୍ଷ ବୟସ ଛୁଇଁବା ପୂର୍ବରୁ ମହିଳାମାନେ ମଧୁମେହ ପରୀକ୍ଷା କରାଇନେବା ଉଚିତ। ନିୟମିତ ଯୋଗ, ବ୍ୟାୟାମ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆବଶ୍ୟକ।

ଅନିୟମିତ ଋତୁସ୍ରାବ : ଅନିୟମିତ ଋତୁସ୍ରାବ ମହିଳାଙ୍କ ଏକ ପ୍ରମୁଖ ସମସ୍ୟା। ୪୦ ବର୍ଷ ବୟସ ପରେ ପ୍ରାୟ ଅଧିକାଂଶ ମହିଳାଙ୍କ ଠାରେ ଏହି ସମସ୍ୟା ଦେଖାଦେଇଥାଏ। ଏହାଦ୍ୱାରା ମହିଳାମାନେ ହୃଦଘାତ ଆଣ୍ଠୁଗଣ୍ଠି ବ୍ୟଥା ଓ ମଧୁମେହ ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଯଦି ମାସିକ ଋତୁସ୍ରାବରେ ଅନିୟମିତତା ଦେଖାଦିଏ, ତାହାହେଲେ ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

# ଉଚ୍ଚାଭିଳାଷ ଜୀବନ ଓ ସ୍ୱପ୍ନ

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ଦୂରଭାଷ : ୯୪୩୭୦୫୧୯୫୭

ସ୍ୱପ୍ନ ଆମେ ଦେଖୁ। ସ୍ୱପ୍ନ ଦେଖିବା ଆମ ଅଧିକାର। ଯଦିଓ ତାହା ସତ ହୋଇପାରେ ଅବା ନ ହୋଇପାରେ। ତେବେ ପ୍ରଚୁର ସ୍ୱପ୍ନ, ବଡ଼ ବଡ଼ ସ୍ୱପ୍ନ ଦେଖିବା ପାଇଁ ଆମକୁ ଉତ୍ସାହିତ କରି ଆସିଛନ୍ତି ମୋଟିଭେସନାଲ ସ୍ପିକର, ମହାମନିଷୀ, ଦାର୍ଶନିକମାନେ। ତେବେ ସେମାନେ ଏ ବାବଦରେ ମଧ୍ୟ ସତର୍କ, ସଚେତନ କରାଇ ଦେବାକୁ ଭୁଲି ନାହାନ୍ତି ଯେ, କେବଳ ସ୍ୱପ୍ନ ଦେଖିଲେ ହେବନାହିଁ। ତକୁ ସାକାର କରିବାକୁ ହେଲେ କଠିନ ପରିଶ୍ରମ, କଠୋର ଅଧ୍ୟବସାୟ, ସାଧନା ଦରକାର। ପୁଣି ସାଧନାରେ, ପ୍ରୟାସରେ ଆନ୍ତରିକତା, ନିଷ୍ଠା ମଧ୍ୟ ଆବଶ୍ୟକ। ବ୍ୟକ୍ତି ବିଶେଷରେ ସ୍ୱପ୍ନ ଭିନ୍ନ ଭିନ୍ନ ହୋଇପାରେ କିନ୍ତୁ ସେହିସବୁ ସ୍ୱପ୍ନ ପଛରେ ଅନେକେ ଦଉଡୁଥାଆନ୍ତି ପାଗଳ ପରି। କେତେକ କେବଳ ଖିଆଲି ହୋଇ ଖାଲି ସ୍ୱପ୍ନ ଦେଖନ୍ତି, ତାହାକୁ ପୁରା କରିବା ପାଇଁ କୌଣସି ଆନ୍ତରିକତା ସେମାନଙ୍କର ନଥାଏ। ଆଉ କେତେକ ତ ଦିବା ସ୍ୱପ୍ନରେ ଚୁର। ସ୍ୱପ୍ନର ମାଦକତା କିନ୍ତୁ ସମସ୍ତଙ୍କୁ ସବୁକାଳେ ଘାରି ଆସିଛି, ଚୋରି କରିନେଇଛି ରାତିର ନିଦ।

ସ୍ୱପ୍ନ ଖୋଲା ଆଖିର ଅଞ୍ଜନ ମୁଦା ଆଖିର ବି। ଖୋଲା ଆଖିରେ ଆମେ ଦେଖୁ ଆଗକୁ ବଢ଼ିବାର ବିକଶିତ ହେବାର ସ୍ୱପ୍ନ, ପ୍ରତିଷ୍ଠା ପ୍ରତିପତ୍ତିର ସ୍ୱପ୍ନ। ଆଖି ବୁଜିଥିବାବେଳେ ଗଭୀର ନିଦ୍ରାର ଆଶ୍ଳେଷ ଭିତରେ ବି ଆମେ ଦେଖୁ ଭଳିକି ଭଳି ସ୍ୱପ୍ନ। ସ୍ୱପ୍ନ ଆମକୁ କେବେ ଦିଏ ଆକାଶୀ ଉଡାଣର ଚଞ୍ଚଳତା ତ କେବେ ଆମକୁ କଚାଡ଼ି ଦିଏ ମାଟିରେ। ସ୍ୱପ୍ନରେ ଆମେ ଦେଖୁ ହଠାତ ଆମ ଚାରିପାଖରେ ଧନଧାନ୍ୟର ପ୍ରାଚୁର୍ଯ୍ୟ, ନଭଶ୍ଚୁମ୍ୱୀ ଅଟ୍ଟାଳିକା, ବିଳାସପୂର୍ଣ୍ଣ ଯାନ, ଘରେ ଚାକର ଚାକରାଣୀ, ନିଜେ ଆମେ ସାହେବ, ସାହେବାଣୀ ସ୍ୱପ୍ନରେ ବି ଆମେ ଦେଖୁ ଆମର ପିଲାମାନେ ଭଲ ଚାକିରି ପାଇଛନ୍ତି ସମାଜରେ ପାଞ୍ଚ ଜଣଙ୍କ ମଧ୍ୟ ଜଣେ ଭାବରେ ଗଣା ହେଉଛନ୍ତି। ପୁଣି କେବେ କେମିତି ଆମେ ସ୍ୱପ୍ନରେ ଦେଖୁ ପ୍ରିୟ ଜନଙ୍କର ମୃତ୍ୟୁ, ଦୁର୍ଘଟଣା, ସେମାନଙ୍କର ଯନ୍ତ୍ରଣାକାତର ଚାହାଣୀ। ହେଲେ ନିଦ ଭାଙ୍ଗିଗଲାବେଳକୁ ଆମେ ନିଜକୁ ଠାବ କରୁ ଯେଉଁଠିକୁ ସେଇଠି। ସୁଖ ସ୍ୱପ୍ନ ହୋଇଥିଲେ ଆମେ ଆଧାରୁ ଭାଙ୍ଗି ପଡ଼ିଥିବା ସ୍ୱପ୍ନକୁ ଆଉ ଥରେ ଦେଖିବାକୁ ଚାହୁଁ। ଆଶା କରୁ ଆହାଃ ଏମିତି ଅଧା ପୁଲକିତ, ଅଧା ରୋମାଞ୍ଚିତ ଆଉ ଅଧା ଶିହରିତ କରି ସ୍ୱପ୍ନଟି ଏମିତି ଅଧା ବାଟରୁ ବାଟ ଭାଙ୍ଗି ଚାଲିଗଲା। ଆଉ ଟିକେ ଆଗକୁ ବଢ଼ିପାରିଥାନ୍ତି କି। ଆଉ ଟିକେ ଲମ୍ବା ହୋଇଥାନ୍ତାକି ନିଦ। ହେଉ ପଛେ ସ୍ୱପ୍ନରେ, ନିଜର ଶ୍ରୀ, ସମୃଦ୍ଧି ଦେଖିବାକୁ ଆମେ ଆତୁର। ଆଉ ସ୍ୱପ୍ନ ଭିତରେ ଆମେ ଯଦି ଦେଖୁ ଦୁଃଖ, ଯନ୍ତ୍ରଣା ତା ହେଲେ ବିଚଳିତ ହୋଇଯାଉ। ମୋଟାମୋଟି ସ୍ୱପ୍ନ ଆମ ଆଖିରେ ବୋଳିଦିଏ କୁହୁକ ଅଞ୍ଜନ। ସ୍ୱପ୍ନ ଆମକୁ କେଉଁଠି ନାହିଁ କେଉଁଠି ନେଇ ପହଞ୍ଚାଇ ଦିଏ ଦୂର ଦିଗବଳୟରୁ ଘନଜଙ୍ଗଲ ଚନ୍ଦ୍ରରୁ ମଙ୍ଗଳ।

ସ୍ୱପ୍ନ ଦେଖିବାକୁ କିଏ ଅବା ଭଲ ନପାଏ। କିଏ ଅବା ସୁଖ ମଣେ ସୁନେଲି ସ୍ୱପ୍ନରେ ଆବିଷ୍ଟ ହେବା ପାଇଁ। ଅନେକ ପ୍ରେରଣାଦାୟୀ ବକ୍ତା, ମହାପୁରୁଷ କହିଯାଇଛନ୍ତି ଜୀବନରେ ବଡ଼ ବଡ଼ ସ୍ୱପ୍ନ ଦେଖ। ସ୍ୱପ୍ନହୀନ ଜୀବନ, ନାଉରି ନଥିବା ନାଆ ସଦୃଶ। ତେଣୁ ଜୀବନରେ ପ୍ରଚୁର ସ୍ୱପ୍ନ ଦେଖ। ତାହାକୁ ସାକାର କରିବାକୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କର। ନିଷ୍ଠା, ଆନ୍ତରିକତା ଆଉ କଠୋର ଅଧ୍ୟବସାୟ ଥିଲେ ସ୍ୱପ୍ନ ଦିନେ ନିଶ୍ଚି ଭାବେ ସାକାର ହେବ। ଏତେ ସପନକୁ ରାତି କାହିଁ। ବୋଲି ଯାହା କୁହାଯାଏ, ଯଦି ସେହି ଅନୁସାରେ ବି ଆମେ ସ୍ୱପ୍ନକୁ ତଉଲିବା ତାହେଲେ ଅଧା ସ୍ୱପ୍ନ ସତ ହୋଇପାରେ ବାକି ଅଧକ ସ୍ୱପ୍ନରେ ହିଁ ହୁଏତ ରହିଯାଇପାରେ। ତେବେ ଏଥିରେ କାତର ହେବ ଉଚିତ ନୁହେଁ। ଗୁଡ଼ାଏ ସ୍ୱପ୍ନ ଦେଖିଥିବାରୁ ଅଧା ହୁଏତ ବାସ୍ତବ ରୂପ ନେଲା, ବାକି ଅଧିକ ସମାଧି ନେଇଗଲା ସେଇ ସ୍ୱପ୍ନ ଭିତରେ। କିନ୍ତୁ ଆମେ ଯଦି ଆଦୌ ସ୍ୱପ୍ନ ଦେଖିବା ନାହିଁ, ଆମ ଜୀବନର ନିର୍ଦ୍ଦିଷ୍ଟ ମନେହେବ ଅସାର ଓ ଅଳୀକ। ସ୍ୱପ୍ନ ବ୍ୟାପ୍ତି, ତାର ରୂପରେଖ ଭିନ୍ନ ଭିନ୍ନ ହୋଇପାରେ ବ୍ୟକ୍ତିବିଶେଷରେ। ଆର୍ଥିକ ଅସ୍ୱଚ୍ଛଳତା ଭୋଗୁଥିବା ଗରିବ ଲୋକଟିଏର ସ୍ୱପ୍ନ ଭଲରେ ଗଣ୍ଡେ ଖାଇବା, ଖଣ୍ଡେ ପିନ୍ଧିବା, ମୁଣ୍ଡ ଗୁଞ୍ଜିବା ପାଇଁ ଚାରିହାତ ଛାତ। ହଁ, ବେଳ ଅବେଳକୁ କିଛି ଟଙ୍କା ପଇସା ହାତରେ। ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରର ମୁରବୀଟିଏ ପାଇଁ ସ୍ୱପ୍ନ ଭିନ୍ନ କିଛି ମାଏନା ରଖେ। ଏଇ ଯେମିତି ପିଲାଏ ଭଲ ପାଠ ପଢ଼ନ୍ତୁ, ଭଲ ଚାକିରି ଚାକିରି କରି ସମାଜରେ ମର୍ଯ୍ୟାଦାବନ୍ତ ହୁଅନ୍ତୁ। ସହରରେ ନିଜର ବୋଲି ଦୃଶ୍ୟମାନ ଘରଟିଏ ହେଉ, ଆୟ ଅଳଙ୍କାର ବଢୁ। ଘର ଆଗରେ ଥୁଆ ହେଉ ଚକ ଚକ ଚାରିକିଆ। ସୁବିଧା ଅସୁବିଧାକୁ ଚଳେଇ ନେବା ପାଇଁ ବ୍ୟାଙ୍କ ବାଲାନ୍ସ ତ ନିହାତି ଲୋଡ଼ା। କୁହାଯାଏ ମଧ୍ୟବିତ୍ତ ଭାରତୀୟମାନେ ସବୁଠୁ ଅଧିକ ସ୍ୱପ୍ନ ଦେଖନ୍ତି। ସ୍ୱପ୍ନରେ ବୁଡ଼ି ରହିବାକୁ ଭଲ ପାଆନ୍ତି। ସ୍ୱପ୍ନ ପୂରଣ ହେବା ସହଜ ନୁହେଁ ଜାଣିବା ସତ୍ତ୍ୱେ ସ୍ୱପ୍ନ ବିଳାସୀ ହେବାକୁ ଭଲ ପାଆନ୍ତି। ସଫଳତାର ଗୋଟିଏ ଗୋଟିଏ ପାହାଚ ଚଢ଼ିବା ପାଇଁ ପ୍ରଥମେ ସ୍ୱପ୍ନ ଦେଖନ୍ତି, ପରେ ପ୍ରୟାସ କରନ୍ତି। କାରଣ ସ୍ୱପ୍ନ ଦେଖିଲେ ତ କାହା କିପରି ପୂର୍ଣ୍ଣାଙ୍ଗ ରୂପ ନେବ ସେଥିପାଇଁ ଚେଷ୍ଟା କରାଯିବ। ସ୍ୱପ୍ନର ଆକର, ପ୍ରକାର, ବ୍ୟାପ୍ତି, ସ୍ଥିତି, ରୂପରେଖ ଭଳିକି ଭଳି -ବ୍ୟକ୍ତି ବିଶେଷରେ। ସ୍ୱପ୍ନ ଦେଖିବାକୁ କାହାକୁ ମନା ନାହିଁ, ଯିଏ ଯାହା ସ୍ୱପ୍ନକୁ ବାସ୍ତବରେ ପରିଣତ କରିବା ପାଇଁ ଧାଇଁଛି ଅଣନିଶ୍ୱାସୀ ହୋଇ। ସବୁ ସ୍ୱପ୍ନ ଯେ ସତ ହୁଏ ବା ସୁଖଦ ନିଦ୍ରା ସମୟରେ ମଣିଷ ଯେଉଁ ସୁନେଲି ସ୍ୱପ୍ନ ଦେଖିଥାଏ ଆଖି ଖୋଲିଲେ ମାତ୍ରେ ତାହା ନଥାଏ। କିନ୍ତୁ ଲୋକେ ଧନୀ ହେବାର ନିଜକୁ ପ୍ରତିଷ୍ଠିତ କରିବାର, ଅନ୍ୟ ମାନଙ୍କ ଠାରୁ ଭଲରେ ରହିବାର, ମନଲାଖି ଜୀବନସାଥୀ ପାଇବାର, ମନପସନ୍ଦର ନୀଡ଼ଟିଏ ଗଢ଼ିବାର, ସନ୍ତାନମାନେ ଆକାଶ ଛୁଇଁବାର ସ୍ୱପ୍ନ ଦେଖି ଚାଲନ୍ତି। ଦାର୍ଶନିକମାନେ ସ୍ୱପ୍ନକୁ ନେଇ ଭିନ୍ନ ଭିନ୍ନ ବିଶ୍ଳେଷଣ କରିଆସିଛନ୍ତତି। ମନସ୍ତାତ୍ତ୍ୱିକମାନେ ବି ସୁଖଦ ସ୍ୱପ୍ନ ଓ ଦୁଃସ୍ୱପ୍ନ ମଧ୍ୟରେ ବିଭେଦର ପ୍ରାଚୀର ତିଆରି କରିଛନ୍ତି। କିନ୍ତୁ ଗୋଟିଏ କଥାରେ କହିଲେ ସ୍ୱପ୍ନର ସୀମାରେଖା ଅସୀମ, ପରିବ୍ୟାପ୍ତ ଏହାର ରୂପରେଖ।

ସାଧାରଣତଃ ଆମେ ସ୍ୱପ୍ନ ଦେଖୁ ରାତିରେ, ସୁକୋମଳ, ସୁଗଭୀର, ସୁନିଦ୍ରାର ସୁଷୁପ୍ତିରେ ଆଦୌ ଆଖିକୁ ଆବୋରିବସେ ସ୍ୱପ୍ନ। କୁହାଯାଏ ଯେଉଁ କଥା, ବ୍ୟଥା ସମ୍ପର୍କ, ସମ୍ବନ୍ଧ, ଚାହାଣୀ, ଚଳଣି ବିଷୟରେ ଆମେ ବେଶି ଭାବିଥାଉ ଯାହାକୁ ନେଇ ବ୍ୟସ୍ତ ବିବ୍ରତ ବିଚଳିତ ହେଉ, ଯେଉଁ ଭାବନା ଆମକୁ ବାରମ୍ବାର ଆନ୍ଦୋଳିତ କରେ, ମନକୁ ଚଳଚଞ୍ଚଳ କରେ ଆମେ ଉଦବିଗ୍ନ ହେଉ, ଯେଉଁ କାମରେ ଅକୃତକାର୍ଯ୍ୟ ହେଉ ସେ ସବୁ ଆମ ମନ ଭିତରେ ବସା ବାନ୍ଧି ରହିଥାଏ। ଯେତେବେଳେ ସାରା ଦିନର ପରିଶ୍ରମ ପରେ ଆମେ ଶଯ୍ୟାରେ ନିଜ ଅବସନ୍ନ ଶରୀରକୁ ଲୋଟାଇ ଦେଉ ଆମକୁ ନିଦ ତ ଘାରେ, ସ୍ୱପ୍ନ ମଧ୍ୟ ତା ଭିତରେ ଉଙ୍କି ମାରେ। ସ୍ୱପ୍ନର ଫଳାଫଳ ଆମ ଜୀବନରେ କେବେ ପ୍ରତିଫଳିତ ହୁଏ ତ ଆଉ କେବେ ଆମେ ପାସୋରିଯାଉ। ସ୍ୱପ୍ନ ସମ୍ପର୍କରେ ମନୋଚିକିତ୍ସକ, ମନସ୍ତାତ୍ତ୍ୱିବିତ, ସ୍ୱପ୍ନଶାସ୍ତ୍ରୀ ଭିନ୍ନ ଭିନ୍ନ ମତ ପୋଷଣ କରନ୍ତି। ସ୍ୱପ୍ନର ପରିଭାଷା କାହା ପାଇଁ କଣ ହୋଇପାରେ। ତେବେ ମହାନ ବୈଜ୍ଞାନିକ ମିଜାଇଲ ମ୍ୟାନ ତଥା ଲୋକଙ୍କ ରାଷ୍ଟ୍ରପତି ଭାବେ ସୁବିଦିତ ଡକ୍ଟର ଏପିଜେ ଅବଦୁଲ କଲାମ କିନ୍ତୁ ସ୍ୱପ୍ନ ସମ୍ବନ୍ଧରେ ଏକ ଖୁବ ସୁନ୍ଦର ଆପ୍ତବାକ୍ୟ କହିଯାଇଛନ୍ତି, ଯାହା ବେଶ ପ୍ରେରଣାଦାୟକ। ଡକ୍ଟର କଲାମଙ୍କ ମତରେ ସ୍ୱପ୍ନ ତାହା ନୁହେଁ, ଯାହା ଆମେ ବନ୍ଦ ଆଖିରେ ବା ଶୋଇଥିବାବେଳେ ଦେଖୁ। ସ୍ୱପ୍ନ ହେଉଛି ତାହା ଯାହା ଆମକୁ ଶୋଇବାକୁ ଦିଏନାହିଁ। ଆମ ଜୀବନର ଲକ୍ଷ୍ୟ, ଉଦ୍ଦେଶ୍ୟ ବାବଦରେ ଯିଏ ଆମକୁ ବାରମ୍ବାର ଚେତେଇ ଦେଉଥାଏ। ଜୀବନରେ ଉଚ୍ଚାଭିଳାଷ ପୋଷଣ କରିବା ତାହାକୁ ସାକାର କରିବା ପାଇଁ ନିଷ୍ଠାପର ଭାବେ ଉଦ୍ୟମ କରିବା ପାଇଁ ଡ.କଲାମ ପ୍ରେରିତ କରିଛନ୍ତି ଏହି ମହତବାଣୀ ମାଧ୍ୟମରେ।

ସହ ପ୍ରତିରତ୍ନିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ସହିଦ ଭଗତ ସିଂଙ୍କ ସ୍ୱପ୍ନର ଭାରତ

ଆଶୁତୋଷ ନାୟକ

ଏ ବର୍ଷ ଆମେ ୭୮ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଛୁ । ଏହା ଆମ ୧୪୦ କୋଟି ଭାରତୀୟ ମାନଙ୍କ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଦୀର୍ଘ ୨୦୦ ବର୍ଷରୁ ଅଧିକ ବର୍ଷ ପର୍ଯ୍ୟନ୍ତ ଅହଙ୍କାରୀ ନିଷ୍ଠୁର ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ। ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ଏକତା ଓ ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିବା । ସେମାନେ ଜାଣି ଶୁଣି ବିଭିନ୍ନ ସମ୍ପ୍ରଦାୟ ଯେପରିକି ହିନ୍ଦୁ, ମୁସଲିମ,ଶିଖ ଓ ଈଶାଇ ମଧ୍ୟରେ ବିବାଦର ସୂତ୍ରପାତ କରାଉଥିଲେ । ସେମାନଙ୍କ ମନ ଭିତରେ ହିଂସା ପ୍ରତିଶୋଧର ବହ୍ନି ପ୍ରଜ୍ୱଳିତ କରାଇବା ଓ ଧର୍ମ ଜାତି ଆଧାରରେ ଆମ ଦେଶକୁ ବିଭାଜିତ କରିବା , ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା । ନିଜର ମନ୍ଦ ଉଦ୍ଦେଶ୍ୟ କୁ ଚରିତାର୍ଥ କରିବା ପାଇଁ ଇଂରେଜ ମାନେ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ନିଜର କଳ,ବଳ ଓ କୌଶଳ ପ୍ରୟୋଗ କରିଥିଲେ । ଅନେକାଂଶରେ ସେମାନେ ନିଜ ଯୋଜନାରେ ସଫଳ ହୋଇଥିଲେ। ସାମାନ୍ୟ କିଛି ଅର୍ଥ ଓ କ୍ଷମତା ଲୋଭରେ କିଛି ବ୍ୟକ୍ତି ବିଶ୍ୱାସଘାତ କରି ଆମ ସ୍ୱାଧୀନତା ପାଇବାର ଆଶାକୁ ଶିଥିଳ କରୁଥିଲେ । ସେହି ଦେଶଦ୍ରୋହୀ ମଧ୍ୟରେ ମୀରଜାଫର ,ଜୟଚନ୍ଦ୍ର,ଜୟ ଗୋପାଳ ଭଳି,, କିଛି ବିଶ୍ୱାସଘାତକ ଥିଲେ ଯାହା ନୃଶଂସ ଅଧର୍ମୀ ଆତ୍ମଗର୍ବୀ ଅହଙ୍କାରୀ ଇଂରେଜମାନଙ୍କୁ ଧରି ୨୦୦ ବର୍ଷ ଧରି ଆମ ଦେଶର ଲୋକମାନଙ୍କୁ ଗୁଲାମ ଓ ପରାଧୀନ କରି ରଖିବାରେ ସହାୟ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀଙ୍କର ତ୍ୟାଗ ଓ ବଳିଦାନ ଦ୍ୱାରା ମାତୃଭୂମି ଭାରତ ଅହଙ୍କାରୀ, ଅଧର୍ମୀ, ନିଷ୍ଠୁର ,ହିଂସ୍ର ଓ ଅତ୍ୟାଚାରୀ ଇଂରେଜ ମାନଙ୍କର ଗୁଲାମୀରୁ ମୁକ୍ତ ହୋଇପାରିଛି । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି, ଭଗତ ସିଂ,ଜୟୀ ରାଜଗୁରୁ, ଶୁକଦେବ, ସୁବାଷ ବୋଷ,ତାନ୍ତିଆ ଟୋପେ, ରାଣୀ ଲକ୍ଷ୍ମୀବାୟୀଙ୍କ ଅବଦାନ ଅତୁଳନୀୟ ଯାହାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ। ଇତିହାସର ପୃଷ୍ଠାକୁ ଆମେ ଯଦି ଅବଲୋକନ କରିବା ଦେଖିବା ଅନେକ ବିଦ୍ୱାନ ବ୍ୟକ୍ତି ଏହା ମତ ବ୍ୟକ୍ତ କରିଛନ୍ତି କି 'ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅହିଂସା ନୀତିକୁ ପାଥେୟ କରି ଆମେ ସ୍ୱାଧୀନତା ହାସଲ କରିଥିଲୁ ଏବଂ ପରାଧୀନ ଶିକୁଳିରୁ ଆମେ ମୁକ୍ତ ହୋଇଥିଲୁ' । 'କେବଳ ଗାନ୍ଧିଜୀଙ୍କର ଅହିଂସା ନୀତି ବଳରେ ଆମେ ସ୍ୱାଧୀନତା ହାସଲ କରିପାରିଥିଲୁ' ଏହା କହିବା ସହିଦ ଭଗତ ସିଂ ଶୁକଦେବ, ରାଜଗୁରୁ, ସୁବାଷ ବୋଷଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀଙ୍କର ବଳିଦାନର ଅପମାନ ହେବ ।

ଜାତିର ପିତା ମହାତ୍ମାଗାନ୍ଧୀ ଙ୍କ ଠାରୁ ଆରମ୍ଭ କରି ସହିଦ ଭଗତ ସିଂ, ପ୍ରର୍ଯ୍ୟନ୍ତ ସବୁ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ର ଅପ୍ରାଣ ଉଦ୍ୟମ, ମାତୃଭୂମି ପାଇଁ ନିସ୍ୱାର୍ଥପର ଭଲପାଇବା, ତ୍ୟାଗ, ବଳିଦାନ କୁ ପାଥେୟ କରି ଆମ ଦେଶ ଇଂରେଜ ମାନଙ୍କ ଗୁଲାମୀ ରୁ ମୁକ୍ତ ହୋଇଥିଲା । ଆମ ଦେଶ କୁ ସ୍ୱାଧୀନ କରିବାରେ ଉଭୟ ଚରମପନ୍ଥୀ ଓ ନରମପନ୍ଥୀ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ର ଅବଦାନ ରହିଛି ଏଥିରେ ତିଳେମାତ୍ର ସନ୍ଦେହ ର ଅବକାଶ ନାହିଁ । ଇତିହାସ ର ପୃଷ୍ଠାକୁ ଅବଲୋକନ କଲେ ଯେଉଁ କେତେ ଜଣ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ର ବୀରତ୍ୱ ଓ ସାହସୀକତା ର ଗାଥା ସଦା ସର୍ବଦା ଯୁବ ସମାନ ପାଇଁ ପ୍ରେରଣାଦାୟୀ ହୋଇ ରହିଛି । ସେମାନଙ୍କ ମଧ୍ୟରେ ସହୀଦ ଭଗତ ସିଂ, ଅନ୍ୟତମ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଙ୍କ ମଧ୍ୟରୁ ସବୁଠାରୁ ବ୍ୟାପକ ଓ ଦୀର୍ଘସ୍ଥାୟୀ ପ୍ରଭାବ ବିସ୍ତାର କରିଥିବା ଏବଂ ଯୁବ ସମାଜ ପାଇଁ ପ୍ରେରଣା ର ଉର୍ସ ଥିଲେ ସହୀଦ ଭଗତ ସିଂ । ମାତ୍ର ୨୩ ବର୍ଷ ର ଥିବା ସମୟ ରେ ସେ ନିଜର ଜୀବନ କୁ ଦେଶମାତୃକାର ସେବା ପାଇଁ ଉତ୍ସର୍ଗୀକୃତ କରିଥିଲେ ଏବଂ ହସି ହସି ଫାଶୀ ଖୁଣ୍ଟ ରେ ଝୁଲି ଯାଇଥିଲେ । ମାନବ ସଭ୍ୟତା ଥିବା ପ୍ରର୍ଯ୍ୟନ୍ତ ସହୀଦ ଭଗତସିଂ ଙ୍କ ବୀରତ୍ୱ ର ଗାଥା, ତ୍ୟାଗ ଓ ବଳିଦାନ ଇତିହାସ ର ସ୍ୱର୍ଣ୍ଣ ଅକ୍ଷର ରେ ଲିପିବଦ୍ଧ ହୋଇ ହୋଇ ରହିବ ।

୨୩ ବର୍ଷ ବୟସ ରେ ଅଧିକାଂଶ ଯୁବକ ନିଜ ଜୀବନ ର ଅର୍ଥ ଓ ଧନ ସମ୍ପତି ଖୋଜିବା ରେ ବ୍ୟସ୍ତ ଥିବା ବେଳେ ଭଗତ ସିଂ ସେହି ବୟସ ବେଳକୁ ବୀରତ୍ୱ, ଦେଶପ୍ରେମ ଓ ବଳିଦାନ ର ସର୍ବୋତ୍ତମ ଉଦାହରଣ ସୃଷ୍ଟି କରି ଅମର ହୋଇ ସାରିଥିଲେ । ସେ ୧୯୦୭ ମସିହା ସେପ୍ଟେମ୍ବର ମାସ ୨୮ ତାରିଖ ରେ ପଞ୍ଜାବ ର ବଙ୍ଗା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତୁଳସୀ ଦୁଇ ପତ୍ର ରୁ ବାସିଲା ପରି ତାଙ୍କର ଦେଶପ୍ରେମ ର ନିଦର୍ଶନ ବାଲ୍ୟ କାଳରୁ ପରିଲକ୍ଷିତ ହୋଇଥିଲା । ସେତେବେଳେ ସମସ୍ତେ ଉତ୍ତମ ଶିକ୍ଷା ପାଇଁ ଲାହୋର ର ବ୍ରିଟିଶ ସ୍କୁଲ ରେ ପଢିବା ପାଇଁ ଆଗ୍ରହ ପ୍ରକାଶ କରୁଥିବା ବେଳେ,,ଭଗବତ ସିଂ, ବ୍ରିଟିଶ ଶିକ୍ଷା ଅନୁଷ୍ଠାନ ରେ ପଢିବାକୁ ଅନିଚ୍ଛା ପ୍ରକାଶ କରି ଥିଲେ ଏବଂ ଆର୍ଯ୍ୟ ସମାଜ ଦ୍ୱାରା, ପରିଚାଳିତ ସ୍କୁଲ ଓ ପରେ ଲାଲା ଲାଜପତ ରାୟ ଙ୍କ ଦ୍ୱାରା ସ୍ଥାପିତ ନେସନାଲ କଲେଜ ରେ ଭର୍ତି ହୋଇଥିଲେ । ମାତ୍ର ୧୨ ବର୍ଷ ର ହୋଇଥିବା ବେଳେ, ସେ ଜାଲିଆନବାଗ ଗଣହତ୍ୟା ର କିଛି ଘଣ୍ଟା ପରେ ଦୀର୍ଘ ୫୦ କିଲୋମିଟର ର ଯାତ୍ରା ପାଦ ରେ ଚାଲି ଚାଲି ଘଟଣା ସ୍ଥଳେ ପହଂଚି ଥିଲେ । ହଜାର ହଜାର ମୃତ ଦେହର ହୃଦୟ ବିଦାରକ ଦୃଶ୍ୟ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ସେ ଗାନ୍ଧିଜୀ ଙ୍କ ଅସହଯୋଗ ଆନ୍ଦୋଳନ ର ଘୋଷଣା ପରେ ଉତ୍ସାହିତ ହୋଇ ଅଂଶ ଗ୍ରହଣ କରିଥିଲେ । କିନ୍ତୁ ୧୯୨୨ ର ଚଉରୀ ଚଉରା ଘଟଣା ପର୍ଦ୍ଧୀ, ଗାନ୍ଧିଜୀ ଙ୍କ ନିଷ୍ପତି ତାଙ୍କୁ ନିରାଶ କରିଥିଲା । ୧୯୨୮ ରେ ଇଂରେଜ ମାନଙ୍କ ଲାଠି ମାଡ଼ରେ ଆହତ ହୋଇ ଲାଲା ଲାଜପତ ରାୟ ଙ୍କ ମୃତ୍ୟୁ ଘଟିବା ପରେ , ଭଗତସିଂ ଗାନ୍ଧିଜୀ ଙ୍କର ଅହିଂସାତ୍ମକ ନୀତି ପରିବର୍ତ୍ତେ, ହିଂସାତ୍ମକ ନୀତି



ଆପଣେଇବା ଉଚିତ ବୋଲି ମନେକରିଥିଲେ ,ଲାଲା ଲାଜପାତ ରାୟ ଙ୍କ ମୃତ୍ୟୁ ର ପ୍ରତିଶୋଧ ନେବାପାଇଁ , ଶିବରାମ ରାଜଗୁରୁ, ସୁଖଦେବ ଥପର ଓ ଚନ୍ଦ୍ରଶେଖର ଙ୍କ ଶହ ମିଶି ଏକ ବ୍ରିଟିଶ ପୋଲିସ ଙ୍କୁ ଅଧିକାରୀ ଙ୍କୁ ହତ୍ୟା କରିଥିଲେ । ଇଂରେଜ ମାନେ ଯୋଜନା ବଦ୍ଧ ଭାବରେ ଷଡ଼ଯନ୍ତ୍ର କରି ଭଗତ ସିଂ , ସୁଖଦେବ, ରାଜଗୁରୁ ଙ୍କୁ ୨୩ ମାର୍ଚ୍ଚ ୧୯୩୧ ମସିହା ସନ୍ଧ୍ୟା ପ୍ରାୟ ୭:୩୩ ରେ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ । ଫାଶୀ ଖୁଣ୍ଟ ଅଭିମୁଖେ ଯିବାବେଳେ,, ସେମାନଙ୍କ ମୁଖରୁ ଇଂକଲାବ ଜିନ୍ଦାବାଦ ର ନାରା ଗୁଞ୍ଜରିତ ହୋଇଥିଲା । ଆମ ଦେଶକୁ ସ୍ୱାଧୀନ ହେବାର ୭୭ ବର୍ଷ ଅତିକ୍ରାନ୍ତ ହୋଇସାରିଛି । ଆମ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ, କଳକାରଖାନା ରାସ୍ତାଘାଟ, ରେଳପଥ ସଡ଼କପଥ, ବିମାନ, ଅତ୍ୟାଧୁନିକ, ଜ୍ଞାନକୌଶଳ ରେ ନିର୍ମିତ କୃଷି ଉପକରଣ, ପ୍ରତିରକ୍ଷା ବିଭାଗରେ ଉନ୍ନତ ଜ୍ଞାନକୌଶଳ ରେ ନିର୍ମିତ କ୍ଷେପଣାସ୍ତ୍ର, ଟ୍ୟାଙ୍କ, ରକେଟ, ଯୁଦ୍ଧ ବିମାନ,ଯେପରିକି ରାଫେଲ ଯାହାକି ଅତି ଉନ୍ନତ ଶକ୍ତିଶାଳୀ ଯୁଦ୍ଧ ବିମାନ, ଫ୍ରାନ୍ସ ରୁ ଆମ ଦେଶ କ୍ରୟ କରିଥିଲା, ଏହାଛଡା ଶକ୍ତିଶାଳୀ ଯୁଦ୍ଧ ବିମାନ କ୍ଷେପଣାସ୍ତ୍ର ଆମେରିକା ଭଳି ରାଷ୍ଟ୍ର ରୁ ଆଣିବା ରେ ସକ୍ଷମ ହୋଇପାରିଛୁ,

ଏହା ଆମ ପ୍ରତିରକ୍ଷା ଓ ସାମରିକ ଶକ୍ତି ବୃଦ୍ଧି କରିବାରେ ସହାୟ ହୋଇଛି । କୌଣସି ଶକ୍ତି ଆମ ଦେଶର ଅଖଣ୍ଡତା ଓ ନିରାପତ୍ତା ପ୍ରତି ବାଧା ସୃଷ୍ଟି କରିଲେ ଆମ ଲଢୁଆ ବୀର ତଥା ଶକ୍ତିଶାଳୀ ସେନା ଏହାକୁ ପ୍ରତିରୋଧ କରିବା ସହିତ ତାର ଉଚିତ୍ ଜବାବ୍ ଦେଉଛି । ୨୦୨୩ ମସିହା ଅଗଷ୍ଟ ୨୩, ସନ୍ଧ୍ୟା ୬ ଟା ୪ ମିନିଟ ରେ ଚନ୍ଦ୍ରଯାନ - ୩ ସମ୍ପୂର୍ଣ ଭାବରେ ଚନ୍ଦ୍ର ପୃଷ୍ଠ ଅବତରଣ କରିଛି । ଆମ ଦେବଭୂମି, ପୁଣ୍ୟଭୂମି, ମାତୃଭୂମି ଭାରତ ବିଶ୍ୱ ଇତିହାସ ରେ ଆଉ ଏକ ବିରଳ ଦୃଷ୍ଟାନ୍ତ ପ୍ରଦର୍ଶନ କରିବାକୁ ଏକାକୀ ସକ୍ଷମ ହେଇଛି । ଏହା ୧୪୦ କୋଟି ଭାରତୀୟ ଲୋକ ଙ୍କ ପାଇଁ ନିଶ୍ଚିତ ଭାବରେ ଐତିହାସିକ ମୁହଁର୍ତ୍ତ । ଆମ ଦେଶର ମହାକାଶ ଗବେଷଣା ସଂଗଠନ ଇସ୍ରୋ ର ବୈଜ୍ଞାନିକ ମାନେ ରେକର୍ଡ ପରେ ରେକର୍ଡ ସ୍ଥାପନ କରିବାକୁ ଯାଉଛନ୍ତି । ଚନ୍ଦ୍ରଯାନ - - ୩ ସଫଳ ହେବା ପରେ, ଆଦିତ୍ୟ -ଏଲ୧ ମିଶନ (ସୂର୍ଯ୍ୟ ଙ୍କ ଗବେଷଣା କରିବାରେ ), ଗଗନାୟାନ( ଅନ୍ତରୀକ୍ଷ ଉପରେ ଗବେଷଣା) ଏବଂ ଶୁକ୍ରାୟାନ (ଶୁକ୍ର ଗ୍ରହ ଉପରେ ଗବେଷଣା ), ମଙ୍ଗଳାୟାନ (ମଙ୍ଗଳଗ୍ରହ ଉପରେ ଗବେଷଣା) ର ଲକ୍ଷ ନେଇ ଆଗକୁ ଅଗ୍ରସର ହେଉଛନ୍ତି । ନିକଟ ଭବିଷ୍ୟତ ରେ ଇସ୍ରୋ ର ବୈଜ୍ଞାନିକ ମାନେ ଏହି ମିଶନ ଗୁଡ଼ିକ ର ସଫଳ ରୂପାୟନ କରିବେ, ଏହା ଜଗତ ର ନାଥ ଜଗନ୍ନାଥ ଙ୍କ ନିକଟରେ ମୋର ବିନମ୍ର ପ୍ରାର୍ଥନା ।

ମାତ୍ର ୬୧୫ କୋଟି ଟଙ୍କା ବ୍ୟୟ ରେ ନିର୍ମିତ ଚନ୍ଦ୍ରଯାନ -୩ ସମଗ୍ର ବିଶ୍ୱ କୁ ଆଚମ୍ବିତ କରିଛି । କିନ୍ତୁ ଅତି ଦୁଃଖ ପରିତାପର ବିଷୟ ଏହିକି ଯେ ମହାନ ଦେଶପ୍ରେମୀ ସହିଦ ଭଗତ ସିଂଙ୍କ ସୁନାର ଭାରତ ସ୍ୱପ୍ନ ଏବେବି ଅଧୁରା ଅଛି। ଏବେବି ସାଧାରଣ ଗରିବ ଓ ମଧ୍ୟବର୍ତ୍ତୀ ବର୍ଗ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ପ୍ରତି ମୁହୂର୍ତ୍ତରେ ଖାଦ୍ୟ,ଶିକ୍ଷା,ସ୍ୱାସ୍ଥ୍ୟ ପାଇଁ ସଂଘର୍ଷ କରୁଛନ୍ତି । ତାଙ୍କ ସହିତ ହେଉଥିବା ଅନ୍ୟାୟକୁ ସହ୍ୟ କରିନପାରି,, ଆତ୍ମହତ୍ୟା କରିବା ପାଇଁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ଦେଶର ସରକାରି କଳରେ ଉଦାସୀନତା ଓ ଭ୍ରଷ୍ଟ ବ୍ୟବସ୍ଥା ସମ୍ପୂର୍ଣ ଭାବେ ଦାୟୀ ।

ନାସନାଲ କ୍ରାଇମ୍ଏ ରେକର୍ଡ ବ୍ୟୁର ର ରିପୋର୍ଟ ଅନୁସାରେ 'ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ଯେପରି ଧର୍ଷଣ,ଗଣ ଦୁଷ୍କର୍ମ ,ମର୍ଡର, ଶାରୀରିକ ଓ ମାନସିକ ନିର୍ଯାତନା ହାର ୬୪. ୫ %(୧ ଲକ୍ଷ ଜନସଂଖ୍ୟାର ପରିଧି ମଧ୍ୟରେ )। ଏହା ବିଂଶ ଶତାବ୍ଦୀର ସଭ୍ୟ ସମାଜରେ ବିକାଶ ର ପରିପନ୍ଥୀ ! ନାସନାଲ କ୍ରାଇମ୍ଏ ରେକର୍ଡ ବ୍ୟୁର ୨୦୨୧ ର ଆଉ ଏକ ରିପୋର୍ଟ ଅନୁସାରେ ପ୍ରତିଦିନ ଆମ ଦେଶର ୮୬ ଜଣ ମହିଳା ଧର୍ଷଣର ଶିକାର ହେଉଛନ୍ତି ଏବଂ ୪୯ ଜଣ ମହିଳା ଦୁର୍ବ୍ୟବହାର ସାମ୍ନା କରୁଛନ୍ତି, ପ୍ରତି ଘଣ୍ଟାରେ ଭାରତରେ କୋଣ ଅନୁକୋଣରେ ଏପରି ଘଟୁଛି। ୨୦୨୦ ରେ ଦିଲ୍ଲୀ ନିର୍ଭୟା ଗଣଦୁଷ୍କର୍ମ , । ୨୦୧୯ ରେ ହାଇଦ୍ରାବାଦରେ ୨୬ ବର୍ଷିଆ ମହିଳା ପଶୁ ଚିକିତ୍ସୀକା ଗଣଧର୍ଷଣ ଓ ୧୯ ବର୍ଷିଆ

ଉତ୍ତର ପ୍ରଦେଶର ହାତ୍ରାସରେ ଜଣେ ମହିଳା ଗଣଧର୍ଷଣ ଭଳି ଅମାନୁଷିକ କାର୍ଯ୍ୟରେ ଶିକାର ହୋଇଥିଲେ ।ଏହିପରି ଅନେକ ଘଟଣା ଆମ ଦେଶର ଜନସାଧାରଣଙ୍କୁ ସ୍ତବ୍ଧ କରିଦେଉଛି । ଏହି ସବୁ ଘଟଣା ଅତ୍ୟନ୍ତ ବିଭତ୍ସ ଓ ଲୋମହର୍ଷଣକାରୀ ଅଟେ ।ଆମ ଦେଶରେ ବାରମ୍ବାର ଏହିପରି ଘଟଣର ପୁନରାବୃତ୍ତି ଘଟିବା ବିଡ଼ମ୍ବନାର ବିଷୟ। ଆମ ଦେଶର କ୍ଷମତା ଲୋଭି ରାଜନେତା ଆରୋପ ପ୍ରତ୍ୟାରୋପ କାଦୁଆ ଫିଙ୍ଗା ରାଜନୀତିରେ ବ୍ୟସ୍ତ ।ଧର୍ଷଣ ଗଣଧର୍ଷଣ ମହିଳାଙ୍କ ପ୍ରତି ଅତ୍ୟାଚାର ଦିନକୁ ଦିନ କମିବା ବଦଳ ରେ ବଢିବାରେ ଲାଗିଛି । ନୂତନ ଭାରତ ଶିକ୍ଷିତ ଲୋକେ ଏଥିପ୍ରତି ଉଦାସୀନ ନହୋଇ ସଚେତନ ହେଲେ ଆମ ଦେଶର ସ୍ୱପ୍ନ ପୂରଣ ହେବ ।' ଯତ୍ର ପୂଜ୍ୟତେ ନାରୀ ତତ୍ର ତିଷ୍ଠନ୍ତି ଦେବତା' ।। ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟ ସଭାରେ ଦେଇଥିବା ମନ୍ତବ୍ୟ ଆଧାର ରେ, ବର୍ତ୍ତମାନ ଆମ ଦେଶ ରେ ପାଖା ପାଖି ୫ କୋଟି ରୁ ଅଧିକ ମାମଲା ବିଭିନ୍ନ କୋର୍ଟ ରେ ବିଚାରଧୀନ ଅଛି । ଭାରତ ର ସର୍ବୋଚ୍ଚ ଆଦାଲତ (ସୁପ୍ରିମ କୋର୍ଟ)ରେ ୬୯୦୦୦ ରୁ ଅଧିକ ମାମଲା ଏବେବି ବିଚାରଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇ କୋର୍ଟ ରେ ୫୯ ଲକ୍ଷ ମାମଲା ଏବେବି ବିଚାରଧୀନ ଅଛି । ଏହିସବୁ ମାମଲା ର ତୁରନ୍ତ ବିଚାର ପାଇଁ ଆମ ସରକାର ଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନା ର ବିଷୟ । ଆମ ବ୍ୟବସ୍ଥା ର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଲୋକ ନ୍ୟାୟ ପାଇବା ରୁ ବଂଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନ ସାଧାରଣ ଆମ ସରକାର ଓ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି । ବର୍ତମାନ ଆମ ଦେଶ ର ମଣିପୁର ଘଟଣା କୁ ଯଦି ଆମେ ବିଚାର କୁ ନେବା ସେଠାରେ ୨ ସମୁଦାୟ ହିନ୍ଦୁ ବହୁଳ ମୈତି ଏବଂ ଅଳ୍ପ ସଂଖ୍ୟକ କୁକୀ ମଧ୍ୟରେ ବିବାଦ ଉଗ୍ର ରୂପ ଧାରଣ କରିଛି, ଯାହାକି ୧୮୧ ରୁ ଉର୍ଦ୍ଧ ନିରହ ଜନ ସାଧାରଣ ଙ୍କ ବହୁମୂଲ୍ୟ ଜୀବନ ଚାଲିଯାଇଛି । ଦୁଇ ଜନ ଜାତି ମଧ୍ୟରେ ହିଂସା କାରଣ ରୁ ମଣିପୁର ରେ ଏବେବି ବିଭିନ୍ନ ରିଲିଫ କ୍ୟାମ୍ପ ରେ ୫୪୪୮୮ ରୁ ଉର୍ଦ୍ଧ ଲୋକ ରହୁଛନ୍ତି । ସେମାନଙ୍କ ଦୁର୍ଦ୍ଦଶା ନ କହିବା ଭଲ, ସେମାନେ ପ୍ରତି ମୁହଁର୍ତ୍ତ ରେ, ଭୟଭୀତ ଅବସ୍ଥାରେ ରହୁଛନ୍ତି । ୭ ଜଣ କୁକୀ ଆଦିବାସୀ ସମ୍ପ୍ରଦାୟ ର ମହିଳା ମଣିପୁର ରେ ଧର୍ଷଣ ରେ ଶିକାର ହୋଇଛନ୍ତି । ଦୀର୍ଘ ୭୭ ଦିନ ପରେ ମଣିପୁର ସରକାର ଓ ପୁଲିସ ପ୍ରଶାସନ ର କୁମ୍ଭକର୍ଣ୍ଣ ନିଦ୍ରା ଭଙ୍ଗ ହୋଇଥିଲା ଏବଂ ଧର୍ଷଣ ଘଟାଇଥିବା ମୁଖ୍ୟ ଖଳନାୟକ କୁ ପୁଲିସ ଧରିବା ରେ ସକ୍ଷମ୍ ହୋଇଥିଲା । ବିଭିନ୍ନ ଜାତୀୟ ଗଣ ମାଧ୍ୟମ ରିପୋର୍ଟ ଅନୁସାରେ କିଛି ରାଜନୀତିକ ଦଳ ର ବ୍ୟକ୍ତିବିଶେଷ ମଣିପୁର ର ଏହି ଦୁଇ ଆଦିବାସୀ ଜନଜାତି ମଧ୍ୟରେ ହିଂସା କୁ ଉସୁକେଇବା ରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ନିଜର ରାଜନୈତିକ ଫାଇଦା ହାସଲ ପାଇଁ ଏହିପରି କୁକର୍ମ କରିବାକୁ କିଛି କ୍ଷମତା ପିପାସୁ ରାଜନେତା ପଛଘୁଞ୍ଚା ଦେଉ ନାହାଁନ୍ତି । ଏହା ସତରେ ଅତ୍ୟନ୍ତ ନିନ୍ଦନୀୟ ଏବଂ ଦୁଃଖଦାୟକ । ବର୍ତମାନ ଆମ ଦେଶ ର ରାଜନୀତି ର ସ୍ତର ଧୀରେ ଧୀରେ ଅତି ନିମ୍ନଗାମୀ ହେଉ ଚାଲିଛି । ସାମାନ୍ୟ କିଛି ଟଙ୍କା କ୍ଷମତା ଲୋଭ ରେ, ଆଜିର ରାଜନେତା ଯେ ଯେକୌଣସି ସ୍ତର କୁ ଯାଇ ପାରନ୍ତି,ଏଥିରେ ସନ୍ଦେହ ର ଅବକାଶ ନାହିଁ । ସ୍ୱାଧୀନତା ପୂର୍ବରୁ ଲାଲବାହାଦୂର ଶାସ୍ତ୍ରୀ ଙ୍କ ଭଳି ରାଜନେତା ଏବଂ ବର୍ତମାନ ର ରାଜନେତା ଙ୍କ ମଧ୍ୟରେ ଆକାଶ ପାତାଳ ର ଫରକ ଦୃଶ୍ୟମାନ ହୁଏ । ସ୍ୱାଧୀନତା ପୂର୍ବରୁ ରାଜନେତା ତ୍ୟାଗ ଓ ଦେଶ ପ୍ରେମ ର ଜ୍ୱଳନ୍ତ ଉଦାହରଣ ଥିଲେ, ବର୍ତମାନ ର ରାଜନେତା ସାମାନ୍ୟ ଅର୍ଥ ଓ କ୍ଷମତା ହାସଲ କରିବା ପାଇଁ, ଦଙ୍ଗା କୁ ଉସକାଇବା ଓ ନିଜର ରାଜନୀତିଜ୍ଞ ବିରୋଧୀ ଙ୍କୁ ମାରିବାକୁ ମଧ୍ୟ ପଛ ଘୁଞ୍ଚା ଦେଉନାହାନ୍ତି । ମିଛ ପ୍ରତିଶୃତି, ମିଛ ଆଶ୍ୱସନା ଦେଇ ଭୋଟ ହାତେଇବା ରେ ସେମାନେ ସିଦ୍ଧହସ୍ତ । ପରିଶେଷରେ ଆମ ଦେଶର ସମସ୍ତ ରାଜନେତାମାନଙ୍କୁ ମୋର ହାତ ଯୋଡି ବିନମ୍ର ଅନୁରୋଧ ଯେ ନିଜର ରାଜନୈତିକ ମହତ୍ତ୍ୱ କାଙ୍କ୍ଷାଂ ରୁ ଉପରକୁ ଉଠି ମିଳିମିଶି ସମସ୍ତେ ଆମର ଦେଶର ବିକାଶ ଓ ପ୍ରଗତି ପାଇଁ ଯଥାସମ୍ଭବ ଚେଷ୍ଟାକରନ୍ତୁ ଏବଂ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଅସହାୟ ନୀରିହ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କର କଲ୍ୟାଣ ପାଇଁ ସବୁପ୍ରକାରର ଉଦ୍ୟମ କରନ୍ତୁ । ଯାହାଦ୍ୱାରା ଆମ ଦେଶ ବିକାଶ ପଥରେ ଅଗ୍ରସର ହେବ ଏବଂ ବିଶ୍ୱବାସୀଙ୍କ ଲାଗି ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିବ ନ ହେଲେ ଦେଶପ୍ରେମୀ ସହିଦ ଭଗତ ସିଂ ଭଳି ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ତ୍ୟାଗ ଓ ବଳିଦାନ ପ୍ରତି ଏହା ଅପମାନ ହେବ। ସହିଦ ଭଗତ ସିଂହଙ୍କ ସୁନାର ଭାରତର ସ୍ୱପ୍ନ ସେତେବେଳେ ସାକାର ହେବ ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧ୍ୟବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା,ଉତ୍ତମ ପୃଷ୍ଟିକର ଖାଦ୍ୟ, କର୍ମନିଯୁକ୍ତି ର ସୁଯୋଗ ସରକାରୀ ଏବଂ ବେସରକାରୀ ପକ୍ରିୟା ରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ । ଏହା ସମସ୍ତ ଙ୍କ ମିଳିତ ସହଯୋଗ ରେ ସମ୍ଭବ ଏଥିରେ ତିଳେମାତ୍ର ସନ୍ଦେହ ର ଅବକାଶ ନାହିଁ । ପରିଶେଷରେ ଆମ ଦେଶର ସମସ୍ତ ରାଜନେତାମାନଙ୍କୁ ମୋର ହାତ ଯୋଡି ବିନମ୍ର ଅନୁରୋଧ ଯେ ନିଜର ରାଜନୈତିକ ମହତ୍ତ୍ୱ କାଙ୍କ୍ଷାଂ ରୁ ଉପରକୁ ଉଠି ମିଳିମିଶି ସମସ୍ତେ ଆମର ଦେଶର ବିକାଶ ଓ ପ୍ରଗତି ପାଇଁ ଯଥାସମ୍ଭବ ଚେଷ୍ଟାକରନ୍ତୁ ଏବଂ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟରୁ ବଞ୍ଚିତ ହେଉଥିବା ଅସହାୟ ନୀରିହ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କର କଲ୍ୟାଣ ପାଇଁ ସବୁପ୍ରକାରର ଉଦ୍ୟମ କରନ୍ତୁ । ଯାହାଦ୍ୱାରା ଆମ ଦେଶ ବିକାଶ ପଥରେ ଅଗ୍ରସର ହେବ ଏବଂ ବିଶ୍ୱବାସୀଙ୍କ ଲାଗି ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିବ ନ ହେଲେ ଦେଶପ୍ରେମୀ ସହିଦ ଭଗତ ସିଂ ଭଳି ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ତ୍ୟାଗ ଓ ବଳିଦାନ ପ୍ରତି ଏହା ଅପମାନ ହେବ। ସହିଦ ଭଗତ ସିଂହଙ୍କ ସୁନାର ଭାରତର ସ୍ୱପ୍ନ ସେତେବେଳେ ସାକାର ହେବ ଯେତେବେଳେ ସମସ୍ତ ଗରିବ, ସାଧାରଣ ମଧ୍ୟବିତ୍ତ ପରିବାରମାନଙ୍କୁ ନ୍ୟାୟ ମିଳିବ ଏବଂ ସେମାନଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା, ଉଚ୍ଚକୋଟିର ଶିକ୍ଷା,ଉତ୍ତମ ପୃଷ୍ଟିକର ଖାଦ୍ୟ, କର୍ମନିଯୁକ୍ତି ର ସୁଯୋଗ ସରକାରୀ ଏବଂ ବେସରକାରୀ ପକ୍ରିୟା ରେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ରସରକାର ମିଳିତ ଉଦ୍ୟମରେ କାର୍ଯ୍ୟ କରିବେ । ଏହା ସମସ୍ତ ଙ୍କ ମିଳିତ ସହଯୋଗ ରେ ସମ୍ଭବ ଏଥିରେ ତିଳେମାତ୍ର ସନ୍ଦେହ ର ଅବକାଶ ନାହିଁ ।

ଗୋପାଳପୁର,, ବାଲେଶ୍ୱର,,
୭୦୨୦୬୧୧୩୦୦

# ପଶ୍ଚିମବଙ୍ଗ ମୁଖ୍ୟ ସଚିବଙ୍କ ଉପରେ ବର୍ଷିଲେ ସୁପ୍ରିମ୍‌କୋର୍ଟ

କୋଲକାତା: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ନିର୍ବାଚନ କମିସନଙ୍କ ଦ୍ୱାରା ନିଯୁକ୍ତ ପଶ୍ଚିମବଙ୍ଗର ମୁଖ୍ୟ ସଚିବ ଏବଂ ରାଜ୍ୟର ଶୀର୍ଷ ଅମଲାଙ୍କୁ ଆଜି ସୁପ୍ରିମ୍‌କୋର୍ଟ କଡ଼ା ଭର୍ତ୍ସନା କରିଛନ୍ତି। ଗତ ସପ୍ତାହରେ ମାଲଦାରେ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ ଘେରାଉ ସମୟରେ କଲିକତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଫୋନ୍ କଲ୍ ସେ ରିସିଭ୍ କରିନଥିବାରୁ ଆଜି ସୁପ୍ରିମ୍‌କୋର୍ଟ ତାଙ୍କ ଉପରେ ତୀବ୍ର ବର୍ଷିଛନ୍ତି। ମୁଖ୍ୟ ସଚିବ ଦୁଷ୍ୟନ୍ତ ନାରିୟାଲା ଆଜି କୋର୍ଟରେ କହିଥିଲେ ଯେ, ସେ ବିମାନରେ ଥିଲେ ଏବଂ କୌଣସି ଫୋନ୍‌କଲ୍ ପାଇନଥିଲେ। ତାଙ୍କ ଆଇନଜୀବୀ ଘଟଣା ସଂକ୍ରାନ୍ତରେ ବର୍ଣ୍ଣନା କରିବା ସମୟରେ ବିଚାରପତି ବିରକ୍ତି ଭାବ ଦେଖାଇ କହିଥିଲେ, ଦୟାକରି ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରନ୍ତୁ। ଉଲ୍ଲେଖଯୋଗ୍ୟ ଯେ, ଦୁଷ୍ୟନ୍ତ ନାରିୟାଲାଙ୍କୁ ଗତ ସପ୍ତାହରେ ନିର୍ବାଚନ କମିସନ ନନ୍ଦିନୀ ଚକ୍ରବର୍ତ୍ତୀଙ୍କ ସ୍ଥାନରେ ମୁଖ୍ୟ ସଚିବ ଭାବେ ନିଯୁକ୍ତ କରିଥିଲେ। ଏପ୍ରିଲ ୧ ତାରିଖରେ ମାଲଦାରେ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖାଯିବା ସମୟରେ ସେ ଦାୟିତ୍ୱରେ ଥିଲେ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ



ଖଣ୍ଡପୀଠ ମାଲଦା ଘଟଣାକୁ ଯୋଜନାବଦ୍ଧ ଓ ଉଦ୍ଦେଶ୍ୟମୂଳକ କହିଛନ୍ତି। କୋର୍ଟ କହିଛନ୍ତି, ଏହି ମାମଲାରେ ସ୍ଥାନୀୟ ପୁଲିସ ଉପରେ ବିଶ୍ୱାସ କରାଯାଇପାରିବନି। ଘଟଣାରେ ଏନ୍‌ଆଇଏ ତଦନ୍ତ ପାଇଁ ଏବଂ ଗିରଫ ହୋଇଥିବା ୨୬ ଜଣଙ୍କୁ ଏନ୍‌ଆଇଏ ଜେରା କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୩ଜଣିଆ ଖଣ୍ଡପୀଠର ଜଷ୍ଟିସ ଜୟମାଲ୍ୟ ବାଗଚୀ ଆଜି ମୁଖ୍ୟ ସଚିବଙ୍କ ଉପରେ ବର୍ଷି କହିଛନ୍ତି, ଆପଣଙ୍କ ସୁରକ୍ଷା ଏତେ ଉଚ୍ଚରେ ଯେ, ଜଣେ ହାଇକୋର୍ଟ ମୁଖ୍ୟ ବିଚାରପତି ମଧ୍ୟ ଆପଣଙ୍କ ପାଖରେ ପହଞ୍ଚି ପାରିବେ ନାହିଁ। ଦୟାକରି ଏହାକୁ ଟିକେ କମ୍ କରନ୍ତୁ। ଅସୁବିଧା କେଉଁଠି ରହିଲା ଆପଣ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ କଲ୍ ବି ଉଠାଉ ନାହାନ୍ତି। ଏହାପରେ ମୁଖ୍ୟ ସଚିବ କହିଥିଲେ ଯେ, ମୋ ଫୋନ୍‌କୁ କୌଣସି ଅଧିକାରୀଙ୍କ ଫୋନ୍ ଆସିନଥିଲା। ମୁଁ ଏକ ବୈଠକ ପାଇଁ ଦିଲ୍ଲୀ ଆସିଥିଲି। ଅପରାହ୍ଣ ୨ଟାରୁ ୪ଟା ପର୍ଯ୍ୟନ୍ତ ମୁଁ ଏକ ବିମାନରେ ଥିଲି। ଏହାପରେ ବିଚାରପତି କହିଥିଲେ ଯେ, ଯଦି ଆପଣ ମୋବାଇଲ୍ ନମ୍ବର ଓ ଅନ୍ୟାନ୍ୟ ବିବରଣୀ ସେୟାର କରିଥାନ୍ତେ ତେବେ ଆପଣ ସନ୍ଧ୍ୟାରୁ ଫୋନ୍ ପାଇଥାନ୍ତେ। ଏହାପରେ ଅଧିକାରୀ କ୍ଷମା ପ୍ରାର୍ଥନା କରିବାରୁ ଜଷ୍ଟିସ ବାଗଚୀ କହିଲେ, କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ କ୍ଷମା ମାଗ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, ଏହା ଆପଣ ଓ ଆପଣଙ୍କ ପ୍ରଶାସନ ଉଭୟଙ୍କର ସମ୍ପୂର୍ଣ୍ଣ ବିଫଳତା। ଆପଣଙ୍କ କାର୍ଯ୍ୟାନୁଷ୍ଠାନ ଅଭାବରୁ, ଭାରତୀୟ ନିର୍ବାଚନ କମିସନ ଅସୁବିଧାର ସମ୍ମୁଖୀନ ହୋଇଛି। ଆପଣ ଭାରତୀୟ ନିର୍ବାଚନ କମିସନଙ୍କ ସହିତ ଯୋଗାଯୋଗ କରୁନାହାନ୍ତି, ଯାହା ଏଭଳି ଜରୁରିକାଳୀନ ପରିସ୍ଥିତିରେ ଆପଣଙ୍କୁ ନିର୍ଦ୍ଦେଶ ଦେବାର ଦାୟିତ୍ୱରେ ଅଛି ଏବଂ ଏହାଦ୍ୱାରା ରାଜ୍ୟରେ ଏତେ ଅସୁବିଧା ଓ ଅଶାନ୍ତି ସୃଷ୍ଟି ହେଉଛି। ଏହା କି ପ୍ରକାରର ବିଶ୍ୱସନୀୟତା ବୋଲି ପ୍ରଧାନ ବିଚାରପତି ପ୍ରଶ୍ନ କରିଛନ୍ତି।

# ୟୁସିସି, 'ଏକ ଦେଶ, ଏକ ନିର୍ବାଚନ'କୁ ପ୍ରସଙ୍ଗ କଲେ ମୋଦୀ

ନୂଆଦିଲ୍ଲୀ: ୨୦୨୬ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଏବେ ଜୋରସୋରରେ ଚାଲିଛି। ଏପ୍ରିଲ ୯ରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ହେବାର ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ପ୍ରଚାର କରୁଛନ୍ତି। ଏହି ଅବସରରେ ଆସାମର ବାରପେଟାରେ ଏକ ରାଲିକୁ ସମ୍ବୋଧିତ କରି ସେ ସୋମବାର ମହିଳା ସଂରକ୍ଷଣ ବିଲ୍‌କୁ ସମର୍ଥନ କରିବାକୁ ସମସ୍ତ ରାଜନୈତିକ ଦଳକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ମହିଳାଙ୍କ ଅଧିକାରକୁ ମଜବୁତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ସର୍ବସମ୍ମତିକ୍ରମେ ଏହି ବିଲ୍ ପାରିତ ହେବା ପାଇଁ ରାଜନେତାମାନଙ୍କ ଉପରେ ଚାପ ପକାଇବାକୁ ସେ ମହିଳା ଭୋଟରମାନଙ୍କୁ ନିବେଦନ କରିଛନ୍ତି।ତେଣେ ତାମିଲନାଡୁରେ ପ୍ରଚାର କରୁଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ବର୍ଦ୍ଧିତ ସମର୍ଥନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟତାକୁ ଦର୍ଶାଇ ବିଜେପି ନେତୃତ୍ୱାଧୀନ ମେଣ୍ଟ କ୍ଷମତାକୁ ଆସିବ ବୋଲି ଦୃଢ଼ତା ପ୍ରକାଶ କରିଥିଲେ। କେନ୍ଦ୍ରମନ୍ତ୍ରୀ ଜି କିଷନ ରେଡ୍ଡୀ ସୋମବାର ତାମିଲନାଡୁର ଅବିନାଶୀ ନିର୍ବାଚନମଣ୍ଡଳୀରେ ବିଜେପି ପ୍ରାର୍ଥୀ ତଥା କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଏଲ ମୁରୁଗାନଙ୍କ ପାଇଁ ପ୍ରଚାର କରି କହିଛନ୍ତି ଯେ, ଭୋଟରମାନେ ବଂଶବାଦ ରାଜନୀତି ଅପେକ୍ଷା ବିକାଶକୁ ପସନ୍ଦ କରନ୍ତି। ୟୁନିଫର୍ମ ସିଭିଲ୍ କୋଡ୍ (ୟୁସିସି) ଏବଂ 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବ ଉପରେ ଗମ୍ଭୀର ଓ ସକାରାତ୍ମକ ଆଲୋଚନା ଚାଲିଛି ବୋଲି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ବିଜେପିର ପ୍ରତିଷ୍ଠା



ଦିବସ ଅବସରରେ ଦଳୀୟ କର୍ମୀମାନଙ୍କୁ ଆଭାସୀ ସମ୍ବୋଧିତ କରି ମୋଦୀ କହିଛନ୍ତି ଯେ, ସରକାର ଉଭୟ ପ୍ରସଙ୍ଗରେ ସକାରାତ୍ମକ ଦିଗରେ ଗତି କରୁଛନ୍ତି। 'ଏକ ଦେଶ, ଏକ ନିର୍ବାଚନ' ପ୍ରସ୍ତାବ ଲୋକସଭା ଓ ବିଧାନସଭା ନିର୍ବାଚନକୁ ସମକାଳୀନ କରିବାକୁ ଚେଷ୍ଟା କରୁଥିବାବେଳେ ୟୁସିସି ବିବାହ, ପୋଷ୍ୟ ସନ୍ତାନ ଗ୍ରହଣ ଏବଂ ଉତ୍ତରାଧିକାର ଭଳି ପ୍ରସଙ୍ଗରେ ଏକ ସାଧାରଣ ଆଇନ ପ୍ରଣୟନ କରିବାକୁ ଲକ୍ଷ୍ୟ ରଖିଛି। ବିଜେପିର ରେକର୍ଡ ଉପରେ ଆଲୋକପାତ କରି ମୋଦୀ 'ପୁରୁଣା ଉପନିବେଶବାଦୀ ଯୁଗର ଆଇନକୁ ଉଚ୍ଛେଦ, ନୂତନ ସଂସଦ ଭବନ ନିର୍ମାଣ, ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ, ତିନି ତଲାକ ଉପରେ ନିଷେଧାଦେଶ, ନାଗରିକତା ସଂଶୋଧନ ଆଇନ ଓ ଅଯୋଧ୍ୟାରେ ରାମ ମନ୍ଦିର ଭଳି ପଦକ୍ଷେପ ତାଲିକାଭୁକ୍ତ କରିଛନ୍ତି।

# ପୁଡୁଚେରୀରେ ଜିତିଲେ ପୂର୍ଣ୍ଣ ରାଜ୍ୟ ମାନ୍ୟତାର ପ୍ରତିଶ୍ରୁତି ଦେଲା କଂଗ୍ରେସ

ନୂଆଦିଲ୍ଲୀ: କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ପୁଡୁଚେରୀବାସୀଙ୍କୁ ଦୃଢ଼ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ, ଯଦି କଂଗ୍ରେସ ଦଳ କ୍ଷମତାକୁ ଆସେ ତେବେ ପୁଡୁଚେରୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ମିଳିବ। ଲସ୍ପେଟ୍‌ରେ ଏକ ନିର୍ବାଚନ ରାଲିରେ ଉଦ୍‌ବୋଧନ ଦେଇ ରାହୁଲ କହିଛନ୍ତି, ପୁଡୁଚେରୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ରାହୁଲ ଅଭିଯୋଗ କରିଛନ୍ତି ଯେ, ବର୍ତ୍ତମାନର କେନ୍ଦ୍ରଶାସିତ ସରକାର ଲୋକଙ୍କର ଇଚ୍ଛାକୁ ପ୍ରତିଫଳିତ କରୁନାହିଁ। ସ୍ଥାନୀୟ ନେତୃବୃନ୍ଦଙ୍କୁ ଅଣଦେଖା କରାଯାଉଛି ଏବଂ ସରକାର ଦିଲ୍ଲୀରୁ ରିମୋଟ୍ କଣ୍ଟ୍ରୋଲରେ ଚାଲିଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି। ନିଯୁକ୍ତି ସୁଦୃଢ଼ କରିବା ପାଇଁ ଏବଂ ପରିବାରମାନଙ୍କରେ ଆର୍ଥିକ ଚାପ ଲାଘବ କରିବା ପାଇଁ କଂଗ୍ରେସ ଏହାର ଇସ୍ତାହାରରେ ବିଭିନ୍ନ ପଦକ୍ଷେପ ଘୋଷଣା କରିଛି। ରାଜ୍ୟର ବେକାର ଯୁବକଙ୍କୁ ଦଳ ମାସିକ ୨ ହଜାର ଟଙ୍କାର ଆର୍ଥିକ ସହାୟତା ଦେବ ଏବଂ ଏଥିସହ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରେ ୩୦ ହଜାର ନୂଆ ଚାକିରି ସୃଷ୍ଟି ପଇଁ ଘୋଷଣା କରିଛି। ମହିଳାଙ୍କ କଲ୍ୟାଣ ପାଇଁ ଦଳ ପୁଡୁଚେରୀରେ ମାଗଣା ବସ୍ ଯାତ୍ରାର ପ୍ରତିଶ୍ରୁତି ଦେଇଛି। ଦଳ ମଧ୍ୟ ସରକାରୀ ଚାକିରି ପାଇଁ ବୟସ ସୀମା ୪୦ ପର୍ଯ୍ୟନ୍ତ ବୃଦ୍ଧି କରିବ ବୋଲି ପ୍ରତିଶ୍ରୁତି ଦେଇଛି। କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରତି ପରିବାରକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦଳ ୨୦ ଲକ୍ଷ ଟଙ୍କାର ବୀମା ସୁବିଧା ଦେବ ବୋଲି ଘୋଷଣା କରିଛି। ବିଜେପିକୁ ଟାର୍ଗେଟ୍ କରି ରାହୁଲ



ଅଭିଯୋଗ କରିଛନ୍ତି ଯେ, ଏହା ପୁଡୁଚେରୀକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦେବାରେ ବିଫଳ ହୋଇଛି। ସ୍ଥାନୀୟ ନେତୃବୃନ୍ଦଙ୍କୁ ବାଦ୍ ଦେଇ ପୁଡୁଚେରୀ ଏବେ ଦିଲ୍ଲୀରୁ ରିମୋର୍ଟ୍ କଣ୍ଟ୍ରୋଲରେ ଚାଲୁଛି ବୋଲି ସେ କହିଛନ୍ତି।

# ଆସାମରେ ମୋଦୀଙ୍କ ମାରାଥନ ପ୍ରଚାର

କୋଲକାତା: ବିଧାନସଭା ନିର୍ବାଚନକୁ ନେଇ ଦେଶରେ ରାଜନୀତି ଚଳଚଞ୍ଚଳ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଆସାମରେ ମାରାଥନ ପ୍ରଚାର କରିଛନ୍ତି। ମୋଦୀ ଆସାମରେ ସୋମବାର ତିନିଟି ନିର୍ବାଚନ ରାଲିକୁ ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ କହିଛନ୍ତି, ଆସାମର ପ୍ରତି ଜିଲ୍ଲା ଓ ଅଞ୍ଚଳର ବିକାଶ ତାଙ୍କ ଦଳ ଓ ମେଣ୍ଟର ପ୍ରାଥମିକତା। ଆଜି ଅପରାହ୍ଣରେ ଆସାମର ହୋଜାଇରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ମୋଦୀ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ କାର୍ଯ୍ୟକାଳରେ ଆସାମ ବିକାଶରୁ ବଞ୍ଚିତ ହୋଇଥିଲା ଏବଂ କଂଗ୍ରେସ ମୁଖ୍ୟତଃ ନିଜ ସ୍ୱାର୍ଥ ପାଇଁ କାମ କରୁଥିଲା। ସେ କହିଛନ୍ତି, ଯେତେବେଳେ ବିଜେପି ଦାୟିତ୍ୱ ଗ୍ରହଣ କରିଲା, ସେତେବେଳେ ରାଜ୍ୟର ଭିତ୍ତିଭୂମି ଏବଂ ସାମଗ୍ରିକ ଅବସ୍ଥା ଖୁବ୍ ଖରାପ ଥିଲା। ବିଦ୍ୟୁତ୍ କ୍ଷେତ୍ରରେ ପ୍ରଗତି ଉପରେ ଆଲୋକପାତ କରି ମୋଦୀ କହିଛନ୍ତି ଯେ, ଆସାମ ପୂର୍ବରୁ ବିଦ୍ୟୁତ୍ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିଲା, ଏବେ ବିଦ୍ୟୁତ୍ ଉତ୍ପାଦନରେ ଏହା ଏକ ମଡେଲ ଭାବରେ ଉଭା ହୋଇଛି। ଏହାପୂର୍ବରୁ ବାରପେଟାରେ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ବିଜେପି ଲଗାତାର ତୃତୀୟ ଥର ପାଇଁ ଆସାମରେ ସରକାର ଗଠନ କରିବ ବୋଲି ଆଶା ପ୍ରକାଶ କରିଥିଲେ। ଦିବ୍ରୁଗଡ଼ରେ ମଧ୍ୟ ମୋଦୀଙ୍କୁ ଆଉ ରାଲିକୁ ସମ୍ବୋଧିତ କରିଥିଲେ। ରବିବାର ମୋଦୀ ପଶ୍ଚିମବଙ୍ଗର କୁଚବିହାରରେ ଏକ ରାଲିକୁ ସମ୍ବୋଧିତ କରିଥିଲେ। ଏଠାରେ ମୋଦୀ ପଶ୍ଚିମବଙ୍ଗ ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଥିଲେ ଯେ, ରାଲିରେ ଏତେସଂଖ୍ୟକ ଲୋକଙ୍କ ଯୋଗଦାନ ପ୍ରମାଣିତ କରିଦେଉଛି ଯେ, ତୃଣମୂଳ କଂଗ୍ରେସ ସମୟ ଶେଷ ହୋଇଗଲାଣି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଟିଏମ୍ ?ସି ସରକାର ରାଜ୍ୟରେ ଆଇନ ଶୃଙ୍ଖଳା ବ୍ୟବସ୍ଥାର ଅନ୍ତିମ ସଂସ୍କାରରେ ଲାଗି ପଡ଼ିଛି।

# ଇରାନୀ କ୍ଷେପଣାସ୍ତ୍ରରେ ଉତ୍ତର କୋରିଆ ପ୍ରଯୁକ୍ତିବିଦ୍ୟା

ତେହେରାନ:ଇସ୍ରାଏଲ ଏବଂ ଆମେରିକା ବିରୋଧରେ ଚାଲିଥିବା ଯୁଦ୍ଧରେ ଇରାନ ବିଶ୍ୱ ସମ୍ମୁଖରେ ନିଜର କ୍ଷେପଣାସ୍ତ୍ର ଦକ୍ଷତା ପ୍ରଦର୍ଶନ କରିଛି। ବିଶେଷଜ୍ଞମାନଙ୍କ ଅନୁସାରେ ଇରାନ କ୍ଷେପଣାସ୍ତ୍ର ପ୍ରଯୁକ୍ତିବିଦ୍ୟା ଉତ୍ତର କୋରିଆରୁ ଆଣିଛି। ଏନେଇ ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍ ଆବଶ୍ୟକ ସହାୟତା ଯୋଗାଇ ଦେଉଥିବା କୁହାଯାଉଛି।

ଇରାନ କେବଳ ଉପସାଗରୀୟ ଦେଶ ଏବଂ ଇସ୍ରାଏଲକୁ ନୁହେଁ, ବରଂ ଆମେରିକାକୁ ମଧ୍ୟ ଟାର୍ଗେଟ କରିଛି। ଇରାନ ଡିଏଗୋ ଗାର୍ସିଆରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଏକ କ୍ଷେପଣାସ୍ତ୍ର ନିକ୍ଷେପ କରିଥିଲା। ବିଶେଷଜ୍ଞମାନେ ଦାବି କରିଛନ୍ତି ଯେ ଏହା ଉତ୍ତର କୋରିଆ ଦ୍ୱାରା ବିକଶିତ କ୍ଷେପଣାସ୍ତ୍ର ମୁସୁଦାନ ଥିଲା। ଇରାନ ୨୦୦୫ରେ ଉତ୍ତର କୋରିଆଠାରୁ ଏପରି ୧୯ଟି କ୍ଷେପଣାସ୍ତ୍ର କିଣିଥିଲା। ୧୯୯୦ ଦଶକରେ ଇରାନ ଉତ୍ତର କୋରିଆଠାରୁ ନୋଡୋଙ୍ଗ କ୍ଷେପଣାସ୍ତ୍ର ହାସଲ କରିଥିଲା। ପରବର୍ତ୍ତୀ ସମୟରେ ଇରାନ ନିଜର ପ୍ରଯୁକ୍ତିବିଦ୍ୟାକୁ ଉନ୍ନତ କରି ଇମାଦ ଏବଂ କାଦର କ୍ଷେପଣାସ୍ତ୍ର ବିକଶିତ କରିଥିଲା।

ରିପୋର୍ଟ ଅନୁଯାୟୀ, ଇରାନ ପାଖରେ ୧,୦୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରୁଥିବା ଏକ କ୍ଷୁଦ୍ର ଦୂରଗାମୀ କ୍ଷେପଣାସ୍ତ୍ର ଏବଂ ୩,୦୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରୁଥିବା ଏକ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର ଅଛି। ଇରାନ ଏବେ ଦୀର୍ଘ ଦୂରଗାମୀ କ୍ଷେପଣାସ୍ତ୍ର ଉପରେ କାର୍ଯ୍ୟ ଜାରି ରଖିଛି। ଟେକ୍ସାସର ଆଞ୍ଜେଲୋ ଷ୍ଟେଟ୍ ୟୁନିଭରସିଟିର ସୁରକ୍ଷା ଅଧ୍ୟୟନ ବିଭାଗର ରାଜନୀତି ବିଜ୍ଞାନ ପ୍ରଫେସର ବ୍ରୁସ୍ ବେଚଟୋଲ୍ ଫକ୍ସ ନ୍ୟୁଜ୍ ଡିଜିଟାଲ୍‌କୁ କହିଛନ୍ତି, ଇରାନ ଏବଂ ଉତ୍ତର କୋରିଆ ମଧ୍ୟରେ ପ୍ରତିରକ୍ଷା ସହଯୋଗ ଦଶନ୍ଧି ପୁରୁଣା। ଏହି ବ୍ୟବସ୍ଥାରେ ଉତ୍ତର କୋରିଆ ଅସ୍ତ୍ରଶସ୍ତ୍ର ଯୋଗାଇବା ଏବଂ ଇରାନ ତେଲ ଯୋଗାଇବା ଅନ୍ତର୍ଭୁକ୍ତ। ବେଚଟୋଲ କହିଛନ୍ତି, ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ଘାଟି ଉପରେ ଆକ୍ରମଣରେ ଇରାନ ଦ୍ୱାରା ବ୍ୟବହୃତ କିଛି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କ୍ୟୁଆଇଏଏମ୍ ସିଷ୍ଟମ ଉପରେ ଆଧାରିତ, ଯାହାକୁ ଉତ୍ତର କୋରିଆ ସମର୍ଥନରେ ବିକଶିତ କରାଯାଇଥିଲା। ଇରାନର ଶାହବ-୩ କ୍ଷେପଣାସ୍ତ୍ର ଉତ୍ତର କୋରିଆର ନୋ ଡୋଙ୍ଗ କ୍ଷେପଣାସ୍ତ୍ର ସହିତ ସମାନ। ଏଗୁଡ଼ିକ ଇସ୍ରାଏଲ ଏବଂ ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକୀୟ ଘାଟି ଉପରେ ଆକ୍ରମଣରେ ବ୍ୟବହୃତ ହୋଇଛି।

# ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ ଅମିତ ଯୋଗୀକୁ ଆଜୀବନ ଜେଲ୍

ନୂଆଦିଲ୍ଲୀ,୦୬/୦୪; ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ପୁଅକୁ ଆଜୀବନ ଜେଲ୍ । ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁଅ ଅମିତ ଯୋଗୀକୁ ଆଜୀବନ ସଜା ଶୁଣାଇଛନ୍ତି ହାଇକୋର୍ଟ । ପୂର୍ବତନ ସିଏମ୍ ଅଜିତ ଯୋଗୀଙ୍କ ପୁଅ ତଥା ପୂର୍ବ ବିଧାୟକ ଅମିତ ଯୋଗୀ । ୨୦୦୩ ଏକ ହତ୍ୟା ମାମଲାରେ ଆଜୀବନ ଶୁଣାଇଛନ୍ତି ହାଇକୋର୍ଟ । ଏନସିପି ନେତା ରାମ ଅବତାର ଜଗି ହତ୍ୟା ମାମଲାରେ ସଜା ହୋଇଛି । ୨୦୦୩ ବିଧାନସଭା ନିର୍ବାଚନ ପୂର୍ବରୁ ରାମ ଅବତାର ଜଗିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଗତ ଗୁରୁବାର ହାଇକୋର୍ଟ ପୂର୍ବତନ ବିଧାୟକ ଅମିତ ଯୋଗୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ଆଜି ରାମ ଅବତାର ଜଗ୍ଗିଙ୍କ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସିବିଆଇ ଅନୁଯାୟୀ, ଏହି ମାମଲାଟି ୨୦୦୩ ମସିହାରେ ରାୟପୁରରେ ବ୍ୟବସାୟୀ ତଥା ରାଜନେତା



ରାମଅବତାର ଜଗ୍ଗିଙ୍କ ହତ୍ୟା ସହିତ ଜଡ଼ିତ । ଅମିତଙ୍କ ବାପା ଅଜିତ ଯୋଗୀ ସେତେବେଳେ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଥିଲେ । ୨୦୦୭ ମସିହାରେ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ହତ୍ୟା ମାମଲାରେ ୨୮ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ତଥାପି, କୋର୍ଟ ଅମିତ ଯୋଗୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ । ସିବିଆଇ ଅମିତ ଯୋଗୀଙ୍କ ଦୋଷମୁକ୍ତକୁ ଛତିଶଗଡ଼ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା । ଯାହା ବିଳମ୍ବ କାରଣରୁ ଆବେଦନକୁ ଖାରଜ କରିଥିଲେ । ଏହାପରେ ସିବିଆଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ଯିଏକି ଗତ ନଭେମ୍ବରରେ ବିଳମ୍ବକୁ କ୍ଷମା ଦେଇଥିଲେ ଏବଂ ମାମଲାକୁ ପୁନର୍ବାର ହାଇକୋର୍ଟକୁ ପଠାଇଥିଲେ । ପରବର୍ତ୍ତୀ ସମୟରେ ହାଇକୋର୍ଟ ଏପ୍ରିଲ ୨ରେ ଅମିତ ଯୋଗୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ୩ ସପ୍ତାହ ମଧ୍ୟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଛତିଶଗଡ଼ ହାଇକୋର୍ଟ ଅମିତ ଯୋଗୀଙ୍କୁ ପୂର୍ବରୁ ଦୋଷମୁକ୍ତ କରିବା ନିଷ୍ପତ୍ତିକୁ ପରିବର୍ତ୍ତନ କରିଛନ୍ତି । ଏହା ଜଗ୍ଗିଙ୍କ ପରିବାର ପାଇଁ ଏକ ବଡ଼ ବିଜୟ ସମାନ ହୋଇଛି ।

# ଘରୁ ଉଦ୍ଧାର ହେଲା ଅଭିନେତ୍ରୀଙ୍କ ମୃତଦେହ, ଆତ୍ମହତ୍ୟା କରିଥିବା ସନ୍ଦେହ

ଚେନ୍ନାଇ : ଜଣାଶୁଣା ତାମିଲ ଟିଭି ଅଭିନେତ୍ରୀ ସୁଭାସିନୀଙ୍କ ମୃତଦେହ ଉଦ୍ଧାର । ସନ୍ ଟିଭିରେ ପ୍ରସାରିତ 'କାୟଲ' ଧାରାବାହିକର ଏହି ଅଭିନେତ୍ରୀଙ୍କ ମୃତଦେହ ଚେନ୍ନାଇସ୍ଥିତ ଘରୁ ଉଦ୍ଧାର ହୋଇଛି । ଯାହାକି ଟେଲିଭିନଜ ଜଗତରେ ଏକ ଦୁଃଖର ବାତାବରଣ ସୃଷ୍ଟି କରିଛି । ତେବେ ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ସ୍ୱାମୀଙ୍କ ସହ ଝଗଡ଼ା ହେବା ପରେ ସେ ଏଭଳି ଏକ ଚରମ ନିଷ୍ପତ୍ତି ନେଇଥିବା ସନ୍ଦେହ କରାଯାଉଛି । ପୁଲିସ ମୃତଦେହ ଉଦ୍ଧାର କରିଥିବାବେଳେ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି । ସେପଟେ ଅଭିନେତ୍ରୀଙ୍କ ମୋବାଇଲ ଜବତ କରାଯାଇଥିବାବେଳେ ତଦନ୍ତ ଆରମ୍ଭ ହୋଇଛି । ସେପଟେ ଆମେ ଯଦି ସୁଭାସିନୀଙ୍କ ସମ୍ପର୍କରେ କହିବା ତାହେଲେ ସେ ଶ୍ରୀଲଙ୍କାରୁ ଆସି ତାମିଲ ମନୋରଞ୍ଜନ ଶିଳ୍ପରେ ପାଦ ଥାପିଥିଲେ । ଅନ୍ୟ କଳାକାରଙ୍କ ଭଳି ତାଙ୍କ ଯାତ୍ରା ମଧ୍ୟ ଏତେ ସହଜ ନଥିଲା । ସେ ବହୁ ଅଡିସନ ଦେବା ପରେ ନିଜର ଟ୍ୟାଲେଣ୍ଟକୁ ସର୍ବସମ୍ମୁଖରେ ଦର୍ଶାଇଛନ୍ତି ।



ନିଜର କଠିନ ପରିଶ୍ରମ ବଳରେ ଦର୍ଶକଙ୍କ ମନ ଜିଣିଥିଲେ । କାୟଲ ସିରିଏଲ ତାଙ୍କ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ଯାହାକି ପ୍ରତ୍ୟେକ ତାମିଲ ଲୋକଙ୍କ ପସନ୍ଦର ଅଭିନେତ୍ରୀ ମଧ୍ୟ ହୋଇପାରିଥିଲେ । ଫ୍ୟାନ୍ସ ଏବଂ ସାଥୀ କଳାକାରଙ୍କମାନେ ତାଙ୍କ ଦେହାନ୍ତ ଖବର ପାଇବା ପରେ ମର୍ମାହତ ହୋଇଛନ୍ତି । ସାଥୀ କଳାକାରମାନେ କହିଛନ୍ତି କି, ସେ ଜଣେ ଭଲ ମଣିଷ ଥିଲେ । ସବୁବେଳେ ନିଜର କାମକୁ ପ୍ରାଧାନ୍ୟ ଦେଉଥିଲେ । ସେପଟେ କୁହାଯାଉଛି କି, ଭିଡିଓ କଲ ପାଇଁ ସ୍ୱାମୀଙ୍କ ସହ ବ୍ୟକ୍ତିଗତ କାରଣରୁ ଝଗଡ଼ା ପରେ ଅଧିକ ଭାବପ୍ରବଣ ହୋଇ ଏପରି ଏକ ଚରମ ନିଷ୍ପତ୍ତି ନେଇଛନ୍ତି ବୋଲି କୁହାଯାଉଛି । ତେବେ ପୁଲିସ ସମସ୍ତ ଦିଗକୁ ଲକ୍ଷ୍ୟ କରି ତଦନ୍ତ ଆରମ୍ଭ କରିଛି । କ୍ୟାରିୟରରେ ଉପରକୁ ଉଠୁଥିବାବେଳେ ଏଭଳି ଜଣେ ଅଭିନେତ୍ରୀଙ୍କୁ ହରାଇ ଏବେ ସାଥୀ କଳାକାର ଏବଂ ଟେଲିଭିଜନ ଜଗତ ବେଶ ଦୁଃଖ ପ୍ରକାଶ କରିଛି ।

# ଉତ୍ତରବଙ୍ଗରେ ଟିଏମ୍‌ସି-ବିଜେପି ମୁହାଁମୁହିଁ ଲଢ଼େଇ:ସରକାର ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ୫୪ ଆସନ

କୋଲକାତା: ଉତ୍ତରବଙ୍ଗରେ ଚା ରାଜନୀତି ପୁଣିଥରେ ଜୋରଦାର ହୋଇଛି। ପଶ୍ଚିମବଙ୍ଗରେ ପରବର୍ତ୍ତୀ ସରକାର ଗଠନରେ ଉତ୍ତରବଙ୍ଗର ୫୪ ବିଧାନସଭା ଆସନ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏହି ଅଞ୍ଚଳର ପ୍ରସିଦ୍ଧ ଚା ପରି, ଏଠାକାର ନିର୍ବାଚନୀ ସ୍ୱାଦ ସମୟ, ପରିସ୍ଥିତି ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ- ଝୁଲା (ମତ ବଦଳାଉଥିବା) ଭୋଟର ଉପରେ ନିର୍ଭର କରେ। ଉତ୍ତରବଙ୍ଗ ଦୀର୍ଘଦିନ ଧରି ରାଜନୈତିକ ଭାବରେ ନିର୍ଣ୍ଣାୟକ ହୋଇଆସିଛି। ଏକଦା ବାମପନ୍ଥୀଙ୍କ ଗଡ଼ ଭାବରେ ପରିଚିତ ଏହି ଅଞ୍ଚଳ ୨୦୧୧ ମସିହାରେ ନାଟକୀୟ ଭାବରେ ବଦଳିଯାଇ ଥିଲା ଯେତେବେଳେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ 'ମା, ମାଟି, ମାନୁଷ' ଲହର ସହ ଏଠାରେ ୫୪ ଆସନରୁ ୨୮ ଆସନରେ ଜିତିବାରେ ସକ୍ଷମ ହୋଇଥିଲା। ୨୦୧୬ରେ ତୃଣମୂଳ କଂଗ୍ରେସ ଏଠାରେ ନିଜର ପ୍ରଭାବ ବଜାୟ ରଖିଥିଲେ ମଧ୍ୟ ବିଜେପି ଏଠାରେ ଶୂନରୁ ସାତଟି ଆସନକୁ ବୃଦ୍ଧି ପାଇ ଉପସ୍ଥିତି ଜାହିର କରିଥିଲା। ୨୦୧୯ ସୁଦ୍ଧା, ବିଜେପି ଏହି ଅଞ୍ଚଳରେ ପ୍ରାଧାନ୍ୟ ବିସ୍ତାର କରି ୮ ଲୋକସଭା ଆସନ ମଧ୍ୟରୁ ୭ଟିରେ ଜିତିଥିଲା ଏବଂ ୨୦୨୧ରେ ୩୦ଟି ବିଧାନସଭା ଆସନ ହାସଲ କରି ନିଜର ନିୟନ୍ତ୍ରଣକୁ ଆହୁରି ସୁଦୃଢ଼ କରିଥିଲା। ତେବେ ଚଳିତ ନିର୍ବାଚନରେ ଉତ୍ତରବଙ୍ଗରେ ତୃଣମୂଳ କଂଗ୍ରେସ ଓ ବିଜେପି ମଧ୍ୟରେ ସିଧାସଳଖ ଲଢ଼େଇ ହେଉଛି। ଚା ବଗିଚା ଅଞ୍ଚଳ, ଆଦିବାସୀ ଅଞ୍ଚଳ ଓ ରାଜବଂଶୀ ଭଳି ସମ୍ପ୍ରଦାୟ ମଧ୍ୟରେ ବିଜେପିର ପ୍ରଚାର ପ୍ରସାର ଦ୍ୱାରା ଏହାର ଉତ୍ଥାନ ହୋଇଛି। ତଥାପି, ସାମ୍ପ୍ରତିକ ରାଜନୈତିକ ପରିବର୍ତ୍ତନ ତଥା ବିଜେପି ନେତା ଟିଏମ୍‌ସିରେ ଯୋଗ ଦେବା ଫଳରେ ଅନିଶ୍ଚିତତା ଜାରି ରହିଛି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ତୃଣମୂଳ କଂଗ୍ରେସ ଏହି ଅଞ୍ଚଳ ଉପରେ ଧ୍ୟାନକୁ ଆହୁରି ତୀବ୍ର କରିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଲିପୁରଦୁଆର ଓ ଆଖପାଖ ତରାଇ ଅଞ୍ଚଳରୁ ତାଙ୍କର ପ୍ରଚାର ଆରମ୍ଭ କରିଛନ୍ତି, ଯାହାଦ୍ୱାରା ଦଳ ହରାଇଥିବା ଆସନଗୁଡ଼ିକୁ ପୁଣିଥରେ ଅକ୍ତିଆରକୁ ଆଣିବା ପାଇଁ ଉଦ୍ୟମ କରୁଛି। ଉଲ୍ଲେଖଯୋଗ୍ୟ, ଉତ୍ତରବଙ୍ଗକୁ ପ୍ରାୟତଃ ଏକ କାରଣ ପାଇଁ ସ୍ୱିଙ୍ଗ୍ ଜୋନ୍ କୁହାଯାଏ। ଏଠାକାର ଭୋଟରମାନେ ପ୍ରତି ନିର୍ବାଚନରେ ବିଶ୍ୱସ୍ତତା ପରିବର୍ତ୍ତନ କରିବାର ଇତିହାସ ରଖିଛନ୍ତି। ଜଳପାଇଗୁଡ଼ି ଭଳି ଜିଲ୍ଲା ଏହି ଧାରା ପାଇଁ ଏକ ଉଦାହରଣ, ଯେଉଁଠାରେ ସହରାଞ୍ଚଳ ଭୋଟର, ଗ୍ରାମାଞ୍ଚଳ ଜନସଂଖ୍ୟା ଏବଂ ଚା ବଗିଚା ଶ୍ରମିକଙ୍କ ମିଶ୍ରଣ ଏକ ଅସ୍ଥିର ନିର୍ବାଚନୀ ମିଶ୍ରଣ ସୃଷ୍ଟି କରୁଛି। ୧୨-୧୫ ନିର୍ବାଚନମଣ୍ଡଳୀରେ ପ୍ରଭାବଶାଳୀ ରାଜବଂଶୀ ଓ କାମତାପୁରୀ ପରି ସମ୍ପ୍ରଦାୟ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ପରିଚୟ, ବିକାଶ ଓ ପୃଥକ୍ ରାଜ୍ୟ ମାନ୍ୟତା ପାଇଁ ଦୀର୍ଘକାଳୀନ ଦାବି ସେମାନଙ୍କ ଭୋଟ୍ ପରିବର୍ତ୍ତନକୁ ସୂଚାଉଛି। ଗୋର୍ଖାଲାଣ୍ଡ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ଦାର୍ଜିଲିଂ ପାହାଡ଼ଗୁଡ଼ିକରେ ରାଜନୈତିକ ଏକତା ଖଣ୍ଡଖଣ୍ଡ ହୋଇଗଲାଣି। ଭୋଟ୍ ସୁରକ୍ଷା ପାଇଁ ତୃଣମୂଳ କଂଗ୍ରେସ ଓ ବିଜେପି ଉଭୟ ଆଞ୍ଚଳିକ ନେତାମାନଙ୍କ ସହିତ ମେଣ୍ଟ ଉପରେ ନିର୍ଭର କରୁଛନ୍ତି। ତୃଣମୂଳ କଂଗ୍ରେସ ଏଠାରେ ମେଣ୍ଟ ରଣନୀତି ବାଛିଛି। ନିଜସ୍ୱ ପ୍ରାର୍ଥୀ ଦେବା ପରିବର୍ତ୍ତେ ଟିଏମ୍‌ସି ଅନିତ ଥାପାଙ୍କ ନେତୃତ୍ୱାଧୀନ ଭାରତୀୟ ଜନମୁକ୍ତି ମୋର୍ଚ୍ଚାକୁ ତିନୋଟି ଆସନ ଆବଣ୍ଟନ କରିଛି। ବିଜେପି ମଧ୍ୟ ଏହି ପାର୍ବତ୍ୟାଞ୍ଚଳରେ ଆଞ୍ଚଳିକ ମେଣ୍ଟ ଉପରେ ନିର୍ଭର କରି ଚାଲିଛି, ଯାହା ଜସୱନ୍ତ ସିଂହଙ୍କ ସମୟରୁ ଦାର୍ଜିଲିଂ ଲୋକସଭା ଆସନକୁ ବଜାୟ ରଖିବାରେ ସାହାଯ୍ୟ କରିଛି।

# ତେହେରାନ ଉପରେ ଇସ୍ରାଏଲ-ଆମେରିକାର ପ୍ରଚଣ୍ଡ ଆକ୍ରମଣ;ଆଇଆରଜିସି ଗୁଇନ୍ଦା ମୁଖ୍ୟ ନିପାତ

ତେହେରାନ/ତେଲ୍ ଅଭିଭ୍: ପଶ୍ଚିମ ଏସିଆ ଯୁଦ୍ଧ ଆଜି ୩୮ ଦିନରେ ଅତି ଭୟଙ୍କର ପର୍ଯ୍ୟାୟରେ ପହଞ୍ଚିଛି। ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ଧମକ ଦେଇଛନ୍ତି ଏବଂ ଏଥିପାଇଁ ମଙ୍ଗଳବାର ପର୍ଯ୍ୟନ୍ତ ସମୟ ଦେଇଛନ୍ତି। ହର୍ମୁଜ ନ ଖୋଲିଲେ ଶକ୍ତିକେନ୍ଦ୍ର ଓ ପୋଲଗୁଡ଼ିକ ଉପରେ ଭୟଙ୍କର ଆକ୍ରମଣ ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏହି ସମୟ ପାଖେଇ ଆସିବା ସହ ଆମେରିକା ଓ ଇସ୍ରାଏଲ ଇରାନ ଉପରେ ଆଜି ପୁଣି ପ୍ରଚଣ୍ଡ ଆକ୍ରମଣ କରିଛନ୍ତି। ଉଭୟ ଆମେରିକା ଓ ଇସ୍ରାଏଲ ଗତକାଲି ରାତି ସାରା ଇରାନର ପ୍ରମୁଖ ସହର ଓ ରାଜଧାନୀ ତେହେରାନରେ ବିମାନ ଆକ୍ରମଣ କରିଛନ୍ତି। ଶୀର୍ଷ ବିଶ୍ୱବିଦ୍ୟାଳୟ ଓ ଜନବସତି ଅଞ୍ଚଳଗୁଡ଼ିକରେ ହୋଇଥିବା ଆକ୍ରମଣ ଯୋଗୁ ଅତି କମ୍‌ରେ ୩୪ ଜଣଙ୍କର ମୃତ୍ୟୁ ହୋଇଛି। ତେହେରାନ ପ୍ରଦେଶର ବାହାରେସ୍ତାନ କାଉଣ୍ଟିରେ ୬ ଶିଶୁଙ୍କ ସମେତ ୨୩ ଜଣଙ୍କର ମୃତ୍ୟୁ ହୋଇଛି। କୋମ୍ ସହରରେ ଏକ ଜନବସତି ଅଞ୍ଚଳରେ ଆକ୍ରମଣ ହେବା ଫଳରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟପକ୍ଷେ ଦକ୍ଷିଣ ଇରାନରେ ବନ୍ଦର ଏ ଲେନ୍‌ଗେ ଅଞ୍ଚଳରେ ଅନ୍ୟ ଏକ ବିମାନ ଆକ୍ରମଣରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ଇସ୍ରାଏଲ-ଆମେରିକା ମଧ୍ୟ ତେହେରାନର ସମ୍ମାନଜନକ ସରିଫ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଉପରେ ଆକ୍ରମଣ କରିଛନ୍ତି। ସରିଫ ଅଞ୍ଚଳରେ ଆଜି ଏକ ଗ୍ୟାସ୍ ଫ୍ୟାସିଲିଟି ଉପରେ ମଧ୍ୟ ଆକ୍ରମଣ ହୋଇଛି। ଇରାନର ବିଜ୍ଞାନ ଓ ଟେକ୍ନୋଲୋଜି ମନ୍ତ୍ରାଳୟ ଅନୁଯାୟୀ ଫେବ୍ରୁଆରି ୨୮ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏଯାବତ୍ ଇରାନରେ ମୋଟ୍ ୩୦ ବିଶ୍ୱବିଦ୍ୟାଳୟ ଉପରେ ଆକ୍ରମଣ ହେଲାଣି। ଇରାନର ପ୍ରଥମ ଉପରାଷ୍ଟ୍ରପତି ମହମ୍ମଦ ରେଜା ଅରେଫ ଅଭିଯୋଗ କରିଛନ୍ତି ଯେ, ଆମେରିକା ବିଶ୍ୱବିଦ୍ୟାଳୟକୁ ଟାର୍ଗେଟ୍ କରିବା ପାଇଁ 'ବଙ୍କର ବଷ୍ଟର' ବ୍ୟବହାର କରିଛି। ଇତି ମଧ୍ୟରେ ଇରାନର ଆଇଆରଜିସି (ଇସଲାମିକ ରିଭୋଲ୍ୟୁସନାରି ଗାର୍ଡ



କର୍ପସ) ଗୁଇନ୍ଦା ଅନୁଷ୍ଠାନ ମୁଖ୍ୟ ମେଜର ଜେନେରାଲ ମଜିଦ ଖାଦେମିଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରାଯାଇଛି। ଆଜି ଇରାନର ସାଉଥ୍ ପାର୍ସ ପେଟ୍ରୋକେମିକାଲ ପ୍ଲାଣ୍ଟ ଉପରେ ଇସ୍ରାଏଲ ପ୍ରଚଣ୍ଡ ଆକ୍ରମଣ କରିଥିବା ଦାବି କରଛି। ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟ୍ଜ ଘୋଷଣା କରିଛନ୍ତି ଯେ ଇସ୍ରାଏଲ ଆସାଲୁୟେରେ ସାଉଥ୍ ପାର୍ସ ପେଟ୍ରୋକେମିକାଲ ପ୍ଲାଣ୍ଟ୍ ଉପରେ ଆକ୍ରମଣ କରିଛି। ଏଠାରୁ ଦେଶର ୫୦ ପ୍ରତିଶତ ପେଟ୍ରୋକେମିକାଲ ଉତ୍ପାଦନ ହେଉଥିବାବେଳେ ଏହା ଏବେ କେନ୍ଦ୍ରୀୟ ଟାର୍ଗେଟ୍‌ରେ ପରିଣତ ହୋଇଛି। ଅନ୍ୟପକ୍ଷେ ଇରାନ ଆଜି ଇସ୍ରାଏଲର ହାଇଫାରେ ୧୦ଟି ସ୍ଥାନରେ ଆକ୍ରମଣ କରିଛି। ହାଇଫାରେ ଏକ ଜନବସତି ଅଞ୍ଚଳ ଉପରେ ଇରାନ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିବା ଫଳରେ ୨ ଜଣଙ୍କର ମୃତ୍ୟୁ ହୋଇଛି ଓ ଅନ୍ୟ ୨ ଜଣ ନିଖୋଜ ଅଛନ୍ତି। ଇରାନ ଆକ୍ରମଣ ଫଳରେ କେନ୍ଦ୍ରୀୟ ଇସ୍ରାଏଲରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଟ୍ରମ୍ପଙ୍କ ଧମକର କଡ଼ା ଜବାବ ଦେଇଛି ଇରାନ। ଏହାର ଭିତ୍ତିଭୂମି ଉପରେ କୌଣସି ପ୍ରକାର ଆକ୍ରମଣ ହେଲେ ଇରାନ ପ୍ରଚଣ୍ଡ ଆକ୍ରମଣ ସହ କଡ଼ା ଜବାବ ଦେବ ବୋଲି କହିଛି। ଇରାନ ବିଦେଶ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର ଇସମେଲ ବଘେଇ କହିଛନ୍ତି, ଟ୍ରମ୍ପଙ୍କ ଧମକକୁ ଇରାନ ଖାତିର କରୁନି। ଇରାନ କୌଣସି ପ୍ରକାର ଅସୁବିଧାଜନକ ଚୁକ୍ତିରେ ପଶିବନି ବୋଲି ସେ କହିଛନ୍ତି। ଏଥିସହ ଟ୍ରମ୍ପଙ୍କ ଟିପ୍ପଣୀ ଏକ ଆପରାଧିକ ମାନସିକତାର ସଙ୍କେତ ବୋଲି ସେ କହିଛନ୍ତି। ଇତି ମଧ୍ୟରେ ଇରାନର ଜଣେ ଶୀର୍ଷ ଅଧିକାରୀ କହିଛନ୍ତି ଯେ, ଏକ ଅସ୍ଥାୟୀ ଯୁଦ୍ଧବିରତି ବଦଳରେ ଇରାନ ହର୍ମୁଜ ପ୍ରଣାଳୀ ଖୋଲିବ ନାହିଁ।

## ରୌପ୍ୟ ଜୟନ୍ତୀ ଉତ୍ସବକୁ ସଫଳ କରିବାକୁ ବିକାଶ ପରିଷଦର ପ୍ରସ୍ତୁତି ବୈଠକ

# ପ୍ରତିଭା ସମ୍ବର୍ଦ୍ଧନା, ପଞ୍ଚାୟତ ସ୍ତରରେ ଚୟନ ପ୍ରକ୍ରିୟା ଓ ନୂତନ ସଦସ୍ୟଙ୍କୁ ସ୍ୱାଗତ

**ଫୁଲନଖରା, ୦୬/୦୪ (ଖବର) :** ବୟାଳିଶମୌଜାର ଅଗ୍ରଣୀ ସାମାଜିକ ସଂଗଠନ 'ବିକାଶ ପରିଷଦ'ର ଚଳିତବର୍ଷ ରୌପ୍ୟ ଜୟନ୍ତୀ ଉତ୍ସବକୁ ସୁଚାରୁ ଭାବେ ପାଳନ କରିବା ପାଇଁ କଳପଡା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ସଭାପତି ଆଡ୍‌ଭୋକେଟ କେଶବ ଚନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆୟୋଜକ ଜ୍ୟୋତି ରଜ ଭୋଳ ସମସ୍ତ ସଦସ୍ୟଙ୍କୁ ଉପହାର ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ପରେ ସମ୍ପାଦକ ସନ୍ତୋଷ କୁମାର ପତି ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ରୌପ୍ୟ ଜୟନ୍ତୀ ଉତ୍ସବ ପାଇଁ ଗଠିତ ବିଭିନ୍ନ କମିଟିର କାର୍ଯ୍ୟ ପ୍ରଗତିର ସମୀକ୍ଷା କରାଯାଇଥିଲା ଏବଂ ସେଗୁଡ଼ିକୁ ଅଧିକ ସକ୍ରିୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନିୟୋଜନ ହୋଇଥିଲା।



ବିଭିନ୍ନ ପଞ୍ଚାୟତରୁ ନାଗରିକ ସମ୍ମାନ ପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ଚୟନ ନିମନ୍ତେ ପଞ୍ଚାୟତ ସ୍ତରରେ କମିଟି ଗଠନ କରାଯାଇଥିବା ସଭାରେ ନିଷ୍ପତ୍ତି ହୋଇଥିଲା। ଏହାସହିତ ପରିଷଦର ମୁଖପତ୍ର ନ୍ତପଲ୍ଲିଶ୍ରୀ'ର ରୌପ୍ୟ ଜୟନ୍ତୀ ବିଶେଷ ସଂଖ୍ୟା ପ୍ରକାଶ ପାଇଁ ବହୁ ବରିଷ୍ଠ ଲେଖକ ଓ ଲେଖିକାଙ୍କର ୫୦ରୁ ଅଧିକ ଲେଖା ହସ୍ତଗତ ହୋଇଥିବା କମିଟି ଅଧ୍ୟକ୍ଷ ପ୍ରମୋଦ ମହାପାତ୍ର ସୂଚନା ଦେଇଥିଲେ। ସମସ୍ତ ଲେଖା ନିର୍ଦ୍ଧାରିତ ସମୟ ସୀମାରେ ସମ୍ପାଦକ ମଣ୍ଡଳୀଙ୍କ ନିକଟକୁ ପହଞ୍ଚାଇବାକୁ ସାଧାରଣ ମାନଙ୍କୁ ଅନୁରୋଧ କରାଯାଇଥିଲା। ପ୍ରତିଭା ସମ୍ବର୍ଦ୍ଧନା ପାଇଁ ଚୟନ ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବା ଓ ସମସ୍ତ କମିଟିର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବରିଷ୍ଠ ସଦସ୍ୟମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଏହି ଅବସରରେ ଭରଗୋଳ ଗ୍ରାମର ସତ୍ୟନାରାୟଣ ମହାନ୍ତି ଓ ଆଇତଳଙ୍ଗ ଗ୍ରାମର ସୁଧାକର ଦେବତାଙ୍କୁ ନୂତନ ସଦସ୍ୟ ଭାବେ ପରିଷଦରେ ସ୍ୱାଗତ କରାଯାଇଥିଲା। କଟକ ସଦର ଅଞ୍ଚଳର ସୁନାମଧନ୍ୟ ବ୍ୟକ୍ତିବିଶେଷଙ୍କୁ ରୌପ୍ୟ ଜୟନ୍ତୀ ଅବସରରେ ନାଗରିକ ସମ୍ମାନରେ ସମ୍ମାନିତ କରିବାକୁ ମଧ୍ୟ ସଭାରେ ସ୍ଥିର କରାଯାଇଥିଲା। ବୈଠକରେ ଉପସଭାପତି ଗୌତମ ଚରଣ ପରିଡା, ସ୍ୱାଧୀନ ଷଡ଼ଙ୍ଗୀ, ଗଣେଶ୍ୱର ଦାଶ, ଧୀରେନ୍ଦ୍ର ବେହେରା, ପ୍ରମୋଦ ମହାପାତ୍ର, ସୟ ବେହେରା, ଅଶୋକ ମହାନ୍ତି, ଶୁଭାଶିଷ ଶତପଥି, ବୁଲେଇ ବେହେରା, ବିଶ୍ୱଜିତ ପାଣି, ସୁବାସ ଦାସ, ତ୍ରିଲୋଚନ ସ୍ୱାଇଁ, ନିକୁ ସ୍ୱାଇଁ, ସ୍ମୃତି ରଜ ପତି, ସ୍ୱାର୍ଥମୁକ୍ତି ସେଠି, ସୁବାସ ଚନ୍ଦ୍ର ସାହୁ, ସନ୍ତୋଷ ସାହୁ, ଚନ୍ଦନ ପ୍ରଧାନ, ଜ୍ୟୋତି ରଜ ଭୋଳ, ଶରତ କୁମାର ଦାସ, ସୁଜନ ରାଉତ, ସତ୍ୟବ୍ରତ କର, କୃଷ୍ଣ ଚନ୍ଦ୍ର ଦାଶ, ନାରାୟଣ ଭୋଇ, ସଂଗ୍ରାମ ପତି, ରବିନ୍ଦ୍ର ଦେବତା, ସ୍ମୃତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## କେନାଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

# ଯାତ୍ରା ଦେଖିବାକୁ ଯାଇ ଫେରିଲେ ନାହିଁ ସନ୍ଦୀପ



**ଫୁଲନଖରା ୦୬/୦୪ (ଖବର) :** କଟକ ସଦର ଥାନା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଅଞ୍ଚଳବାସୀଙ୍କୁ ଶୋକାକୁଳ କରିଦେଇଛି।କାକଟପୁର ବ୍ରାଞ୍ଚ କେନାଲର ଜରିପଡା ନିକଟରୁ ଆଜି ସକାଳୁ ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ପ୍ରତାପନଗରୀ ଗ୍ରାମର ସନ୍ଦୀପ ରାଉତ (୨୮)। ସୂଚନା ଅନୁଯାୟୀ, ସନ୍ଦୀପ ଗତକାଲି ରାତିରେ ଘରେ ଭୋଜନ ସମ୍ପନ୍ନ କରି ସ୍ଥାନୀୟ ମା' ଧାକୁଲେଇଙ୍କ ପୀଠରେ ଚାଲିଥିବା ପବିତ୍ର ଯାତ୍ରା ମହୋତ୍ସବ ଦେଖିବା ପାଇଁ ବାହାରିଥିଲେ। ତା'ପରେ ସେ ଘରକୁ ଫେରିନଥିବାରୁ ପରିବାର ଲୋକଙ୍କ ମନରେ ଚିନ୍ତା ବଢ଼ିଥିଲା। ଆଜି ପ୍ରଭାତରେ ଜରିପଡା ନିକଟରେ କେନାଲରେ ଏକ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଯୁବକମାନେ ତୁରନ୍ତ ପୋଲିସକୁ ସୂଚନା ଦେଇଥିଲେ। ପରେ ସେମାନଙ୍କ ସହଯୋଗରେ ମୃତଦେହକୁ କେନାଲରୁ ଉଦ୍ଧାର କରି ନିକଟସ୍ଥ ଏକ ଘରୋଇ ଡାକ୍ତରଖାନାକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ସନ୍ଦୀପଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପୋଲିସ ତୁରନ୍ତ ଡାକ୍ତରଖାନାରେ ପହ ଆଇନନୁସାରେ ପଞ୍ଚନାମା କାର୍ଯ୍ୟ ସମ୍ପନ୍ନ କରିଥିଲେ ଏବଂ ପରବର୍ତ୍ତୀ ତଦନ୍ତ ପାଇଁ ମୃତଦେହକୁ କଟକ ବଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି। ପୋଲିସର ପ୍ରାଥମିକ ତଦନ୍ତ ଜାରି ରହିଛି ଓ ପୋଷ୍ଟମର୍ଟମ ରିପୋର୍ଟ ଆସିଲାପରେ ମୃତ୍ୟୁର ସଠିକ କାରଣ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି। ଏହି ଅପ୍ରତ୍ୟାଶିତ ଘଟଣା ଘଟିଛି ସେହି ସମୟରେ, ଯେତେବେଳେ ଅଞ୍ଚଳରେ ମା' ଧାକୁଲେଇଙ୍କ ଯାତ୍ରା ମହୋତ୍ସବ ଭକ୍ତିମୟ ପରିବେଶରେ ଚାଲିଥିଲା। ଏପରି ଦୁଃଖଦ ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ପ୍ରସାର କରିଦେଇଛି ଏବଂ ସ୍ଥାନୀୟ ଲୋକମାନେ କେନାଲ ପାଖରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି ପାଇଁ ପ୍ରଶାସନଙ୍କୁ ଦାବି କରିଛନ୍ତି।

# ଦୁର୍ଘଟଣାରେ ଚାଲିଗଲା ୩ ଜୀବନ



**ବାଲେଶ୍ୱର ୦୬/୦୪ (ଖବର) :** ବାଲେଶ୍ବର ଜିଲ୍ଲା ସୋର ଥାନା ଅଞ୍ଚଳରେ ମର୍ମନ୍ତୁଦ ଦୁର୍ଘଟଣା। ୧୬ ନଂ ଜାତୀୟ ରାଜପଥ ଦହିସଡ଼ା ମର୍ତ୍ତଣ୍ଡ ହୋଟେଲ୍ ସମ୍ମୁଖରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ସୂଚନା ଅନୁସାରେ ରବିବାର ଗତକାଲି ବିଳମ୍ବିତ ରାତିରେ ଏକ ଝାଡ଼ଖଣ୍ଡ ନମ୍ବର ଟ୍ରକ ରାସ୍ତା ପାର୍ଶ୍ବରେ ବ୍ରେକ୍ ଡାଉନ ହୋଇ ଛିଡ଼ା ହୋଇଥିଲା । ଏହି ସମୟରେ ବାଲେଶ୍ବରରୁ ସୋର ଅଭିମୁଖେ ଆସୁଥିବା ଏକ ଉତ୍ତର ପ୍ରଦେଶ ନମ୍ବର ଥିବା ଗାଡ଼ି ଟ୍ରକକୁ ପଛ ପଟୁ ଧକ୍କା ଦେଇଥିଲା । ଫଳରେ ଟ୍ରକରେ ଥିବା ୩ଜଣ ଗାଡ଼ି ଭିତରେ ଚାପି ହୋଇଯାଇଥିଲେ । ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହ ଗ୍ୟାସ କଟର ସାହାଯ୍ୟରେ ଟ୍ରକକୁ କାଟି ସମସ୍ତଙ୍କୁ ଉଦ୍ଧା କରିଥିଲେ । ପରେ ଗୁରୁତରଙ୍କୁ ସୋର ମେଡିକାଲରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ । ସେପଟେ ସୋର ଥାନା ପୁଲିସ ଖବର ପାଇ ଉଭୟ ଗାଡ଼ିକୁ ଜବତ କରିବା ସହିତ କେମିତି ଦୁର୍ଘଟଣା ଘଟିଲା ଅଧିକ ତଦନ୍ତ କରୁଛି ।

# ସରୋଜ ପଣ୍ଡାଙ୍କ ଆଦାହ ଚେତାବନୀ, ଏସଡିପିଓଙ୍କ ହସ୍ତକ୍ଷେପ ପରେ ମନ ବଦଳିଲା

**ପାତ୍ରପୁର ୦୬/୦୪ (ଖବର) :** ଚିକିଟୀ ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ କିଛି ଦିନ ଧରି ଛକାପଞ୍ଝା ଲାଗି ରହିଥିବା ବେଳେ ବିଜେଡି ଆଇଟିସେଲ ସଂଯୋଜକ ସରୋଜ କୁମାର ପଣ୍ଡାଙ୍କ ଆଦାହ ଘୋଷଣା ରୋଚକ ମୋଡ଼ ନେବା ସହ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ଚିକିଟୀ ଅଞ୍ଚଳରେ ରାଜନୈତିକ ଉଷ୍ମତା ଦେଖା ଦେଇଛି।ସରୋଜ ପଣ୍ଡାଙ୍କ ଆଦାହ ଘୋଷଣା ପରେ କଣ ଘଟିବ ଜାଣିବା ପାଇଁ ଜରଡା ଥାନାକୁ ରାଜନେତା, ଗଣମାଧ୍ୟମ ଓ ବହୁ ବୁଦ୍ଧିଜୀବୀ ମାନେ ନଜର ରଖିଥିବା ବେଳେ ସରୋଜ ପଣ୍ଡାଙ୍କ ଆଦାହ ଘୋଷଣାର ଧାର୍ଯ୍ୟ ସମୟ ଅତିବାହିତ ହେବା ପର୍ଯ୍ୟନ୍ତ ସରୋଜ ପଣ୍ଡାଙ୍କ ଜରଡ଼ା ଥାନାରେ ଦେଖା ମିଳିନଥିଲା। ପରବର୍ତ୍ତୀ ସମୟରେ ସରୋଜ କୁମାର ପଣ୍ଡା ନିଜେ ଗଣମାଧ୍ୟମ ଆଗରେ ପ୍ରକାଶ କହିଛନ୍ତି ଯେ ଚିକିଟୀ ଏସଡିପିଓ ବିଶ୍ୱାମିତ୍ର ହରପାଲ ଏହି ଘଟଣାରେ ହସ୍ତକ୍ଷେପ କରି ଆଦାହ ନକରିବା ପାଇଁ ପରାମର୍ଶ ଦେଇଥିଲେ। ଯାହାକି ପୋଲିସର ପ୍ରତିଶୃତି ପାଇ ମାନସିକ ଚାପରେ ଆଦାହ ପାଇଁ ଯେଉଁ ଘୋଷଣା କରିଥିଲି ସେଥିରୁ ଓହରି ଯାଇଥିବା ପ୍ରକାଶ କରିଛନ୍ତି। ସାମ୍ବାଦିକ ମାନଙ୍କ ପ୍ରଶ୍ନରେ ଉତ୍ତର ଦେଇ ପଣ୍ଡା ପ୍ରକାଶ କରିଛନ୍ତି ଯେ ଜରଡା ଥାନା ଅଞ୍ଚଳରେ ନାରୀ ମାନଙ୍କ ଉପରେ ହେଉଥିବା ଜଗନ୍ନାଥପୁର , ଷୋଳଭାଗ ପେଣ୍ଟ ଆକ୍ରମଣ ଘଟଣା,ତାଳପଡା ବାଲ୍ୟବିବାହ ଘଟଣା,ବରଙ୍ଗ ଘଟଣାକୁ ନେଇ ବିଜେଡି ଆଇଟିସେଲ ତରଫରୁ ଜରଡା ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ବିଧାୟକଙ୍କ ଉପରେ ବର୍ଷିଥିଲେ। ଯାହାକି ସେହି ଦିନ ଠାରୁ ବିଧାୟକଙ୍କ ପାଖଲୋକ ମାନେ ବିଭିନ୍ନ ସମୟରେ ଫୋନ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଧମକ ଦେଇ ମାନସିକ ନିର୍ଯାତନା ଦେଉଥିଲେ। ଯାହାକି ମୁଁ ମାନସିକ ବିଚଳିତ ହୋଇ ଜରଡା ଥାନା ସମ୍ମୁଖରେ ଆଦାହ କରିବା ପାଇଁ ସୋସିଆଲ ମିଡିଆ ମାଧ୍ୟମରେ ଘୋଷଣା କରିଥିଲି। ପୋଲିସ ପକ୍ଷରୁ ମୋତେ ନ୍ୟାୟ ପ୍ରଦାନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ପୋଲିସର ପ୍ରତିଶୃତିକୁ ଭରସା କରି ମୋ ନିଷ୍ପତ୍ତିରୁ ଓହରିଲି ବୋଲି ସରୋଜ ପଣ୍ଡା ପ୍ରକାଶ କରିଛନ୍ତି। ଏ ନେଇ ଏସ ଡି ପି ଓ ଙ୍କ ସହିତ ଫୋନ୍ ଯୋଗେ ସମ୍ପର୍କ ହୋଇ ପାରିଲା ନାହିଁ ।



# ଅପ୍ରେଲ ୮ରୁ ୧୭ ପର୍ଯ୍ୟନ୍ତ ବାଲେଶ୍ୱର ଆଇଟିଆଇ ପଡ଼ିଆରେ ବୈଶାଖୀ ମହୋତ୍ସବ



**ବାଲେଶ୍ୱର ୦୬/୦୪ (ଖବର) :** ଆସନ୍ତା ଏପ୍ରିଲ୍ ୮ ତାରିଖରୁ ବାଲେଶ୍ୱର ଆଇଟିଆଇ ପଡ଼ିଆରେ ବୈଶାଖୀ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି।ଏହି ମହୋତ୍ସବ ଏପ୍ରିଲ୍ ୧୭ ତାରିଖ ଯାଏ ୧୦ ଦିନ ଧରି ଚାଲିବ ବୋଲି ବୈଶାଖୀ ମହୋତ୍ସବ କମିଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ସୂଚନା ଦିଆଯାଇଛି। କମିଟି ସୂଚନା ଅନୁଯାୟୀ, ମହୋତ୍ସବରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ଲୋକନୃତ୍ୟ ଶିଳ୍ପୀ ଓ କଳାକାରମାନେ ଯୋଗଦାନ କରିବେ ଏହା ବ୍ୟତୀତ ମହୋତ୍ସବରେ ଓଡ଼ିଶା ଓ ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ୍ ଲାଗିବ।

ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ କମିଟି ପକ୍ଷରୁ ରଖାଯାଇଛି। ମନୋରଜ ପାଇଁ ବିଭିନ୍ନ ଦୋଳି ମଧ୍ୟ ମହୋତ୍ସବରେ ପଡ଼ିବା ବାଲେଶ୍ବରବାସୀଙ୍କୁ ସହଯୋଗ ପାଇଁ କମିଟି ପକ୍ଷରୁ ନିବେଦନ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ କମିଟିର ଉପସଭାପତି ସୁଶାନ୍ତ କୁମାର ଦାସ, ଉପଦେଷ୍ଟା ଉଜ୍ଜ୍ୱଳ ଚନ୍ଦ୍ର କର, ସମ୍ପାଦକ ଦିବାକର ଜେନା, ସଯୋଜକ ଗଗନ ସେଠୀ, ସଦସ୍ୟ ପ୍ରହଲ୍ଲାଦ ସିଂହ, ସନ୍ଦୀପ ଦାସ, ଶାନ୍ତନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ବାଲେଶ୍ୱର ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ପାଳନ

**ବାଲେଶ୍ୱର ୦୬/୦୪ (ଖବର) :** ବାଲେଶ୍ବର ବିଜେପି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଆଜି ଖାନନଗର ସ୍ଥିତ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉଦଘାଟିତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରାଙ୍କ ଦ୍ୱାରା ଦଳୀୟ ପତାକା ଉତ୍ତୋଳନ ଏବଂ ସାମୁହିକ ବନ୍ଦେ ମାତରମ୍ ଗାନ ପରେ ସମବେତ କର୍ମୀବୃନ୍ଦଙ୍କୁ ସମ୍ବୋଧିତ



କରିବା ପରେ କାର୍ଯ୍ୟାଳୟ ଓ ଆଖପାଖ ଅଞ୍ଚଳରେ ବୃକ୍ଷରୋପଣ କରାଯାଇଥିଲା। ସମ୍ମୀଳନୀ କକ୍ଷରେ ଆୟୋଜିତ ସାଧାରଣ ସଭାରେ ଦଳର ୬୦ ବର୍ଷରୁ ଉର୍ଦ୍ଧ୍ୱ କର୍ମୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଓ ସାଂସଦ ତାଙ୍କ ଉଦବୋଧନରେ କର୍ମୀମାନଙ୍କୁ ଦଳର ଇତିହାସ, ରାଷ୍ଟ୍ରୀୟ ଚେତନା, ବଳିଦାନ, ଦୀର୍ଘ ବର୍ଷର ସଂଘର୍ଷ ବିଷୟରେ ଆଲୋକପାତ କରିଥିଲେ। ଲକ୍ଷ ଲକ୍ଷ କର୍ମୀଙ୍କ ତ୍ୟାଗ ତପସ୍ୟା ଓ ବଳିଦାନର ଫଳସ୍ୱରୂପ ଭାରତୀୟ ଜନତା ପାର୍ଟି ଆଜି ବିଶ୍ୱର ସର୍ବବୃହତ ରାଜନୈତିକ ଦଳର ମାନ୍ୟତା ପାଇଛି, ଏହା କେବଳ ଏକ ଉପଲବ୍ଧି ନୁହେଁ ବରଂ ଏହା ହେଉଛି ଦାଇତ୍ୱ, ନାଗରିକଙ୍କ ସାମଗ୍ରିକ ବିକାଶ ପାଇଁ ଓ ଦେଶକୁ ପରମବୈଭବଶାଳୀ କରିବା ପାଇଁ ଗୁରୁ ଦାୟିତ୍ୱ। ୨୦୪୭ ସୁଦ୍ଧା ଦେଶକୁ ବିକଶିତ ଭାରତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକୁ ସାକାର କରିବା ପାଇଁ ସମସ୍ତଙ୍କୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସମ୍ପାଦକ ଚିତ୍ତରଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପାର୍ଥ ସାରଥି ଧାମରେ ଓଡ଼ିଆ ପକ୍ଷ ୨୦୨୬ ସ୍ୱଚ୍ଛତା ଦିବସ ପାଳନ



**ପାତ୍ରପୁର ୦୬/୦୪ (ଖବର) :** ଓଡ଼ିଆ ପକ୍ଷ - ୨୦୨୬ ପାଳନ ର ଷଷ୍ଠ ଦିବସରେ ପାର୍ଥ ସାରଥୀ ଧାମ ଜରଡ଼ା ଜଗନ୍ନାଥ ମନ୍ଦିର ବେଢ଼ାକୁ ପାତ୍ରପୁର ବ୍ଲକ ପ୍ରଶାସନ ଓ ଜରଡ଼ା ପଂଚାୟତ ତରଫରୁ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ମନ୍ଦିର ଚତୁଃପାର୍ଶ୍ୱକୁ ସଫେଇ କରାଯାଇ ସ୍ୱଚ୍ଛତା ଦିବସ ଉପରେ ଆଲୋଚନା କରାଯାଇଥିଲା। ବି ଡି ଓ ଲକ୍ଷ୍ମଣ ଚରଣ ସୋରେନ ଙ୍କ ଅଧ୍ୟକ୍ଷତା ରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବି ଏସ୍ ଏସ ଓ ସ୍ନେହାସିସ ପଟ୍ଟନାୟକ , ସରପଞ୍ଚ ତିଳ ବେହେରା, ନାଏବ ସରପଞ୍ଚ ମାଧବ ବାଡତ୍ୟା, ପି ଇ ଓ ନିଗମାନନ୍ଦ ପାଣିଗ୍ରାହି, ଜି ଆର୍ ଏସ ରିତା ପାତ୍ର, ପି ଇ ଓ ଶିବ ଶଙ୍କର ବିଷୋୟୀ, କାଶୀନାଥ ତିଆଡି ,ଚିନ୍ତାମଣି ପ୍ରଧାନ, ଏ ଡି ଓ ବିଦ୍ୟାଧର ମହାରଣା, ଏମ ବି କେ କଲ୍ୟାଣୀ ପ୍ରଧାନ, ଜରଡ଼ା ପଂଚାୟତର ସମସ୍ତ ଅଙ୍ଗନୱାଡି କର୍ମୀ,ସହାୟିକା, ସି ଆର୍ ପି,ପ୍ରାଣୀ ମିତ୍ର, କୃଷି ମିତ୍ର ଓ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବାଲେଶ୍ୱରରେ ଉଦ୍‌ଘାଟିତ ହେଲା ବାଣିଜ୍ୟିକ ଅଦାଲତ

**ବାଲେଶ୍ୱର ୦୬/୦୪ (ଖବର) :** ଆଜି ପୂର୍ବାହ୍ନ ୧୦.୦୦ ଘଟିକା ସମୟରେ ବାଲେଶ୍ୱରର ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ଏକ ବାଣିଜ୍ୟିକ ଅଦାଲତ ଆଭାସି ଜରିଆରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମାନ୍ୟବର ମୁଖ୍ୟ ବିଚାରପତି ଶ୍ରୀଯୁକ୍ତ ହରିଶ ଟଣ୍ଡନଙ୍କ କରକମଳରେ ଉଦ୍ଘାଟିତ ହୋଇଛି । ସେଠାରେ ତାଙ୍କ ସହିତ ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ବିଭୁ ପ୍ରସାଦ ରାଉତରାୟ ଏବଂ ଅନେକ ଉଚ୍ଚ ନ୍ୟାୟାଳୟର ମାନ୍ୟବର ବିଚାରପତି ଗଣ ଉପସ୍ଥିତ ଥିଲେ। ଏହି ଅବସରରେ ବାଲେଶ୍ୱର ସିଭିଲ କୋର୍ଟ କମ୍ପ୍ଲେକ୍ସ ପରିସରରେ ନୂତନ ଭାବେ ନିର୍ମିତ ହୋଇଥିବା ବାଣିଜ୍ୟିକ ଅଦାଲତ ସମ୍ମୁଖରେ ଏକ ସଭାର ଆୟୋଜନ୍ ହୋଇ ଆଭାସି ମାଧ୍ୟମରେ ମୁଖ୍ୟ ବିଚାରପତିଙ୍କ ସହିତ ଯୋଡି ହୋଇଥିଲେ । ଏହି ଉଦ୍ଘାଟନୀ ଉତ୍ସବରେ ମାନ୍ୟବର ଜିଲ୍ଲା ଦୌରା ଜଜ୍, ବାଲେଶ୍ୱର ଶ୍ରୀଯୁକ୍ତ ସତ୍ୟ ନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀଯୁକ୍ତ ସୁଧାକର ନାଏକଙ୍କ ସମେତ ଅନେକ ଜିଲ୍ଲା ସ୍ତରୀୟ ମାନ୍ୟବର ବିଚାରପତି ଏବଂ ଆଇନଜୀବୀ ଗଣ ଉପସ୍ଥିତ ଥିଲେ। ଏହି ବାଣିଜ୍ୟିକ ଅଦାଲତ ବାଲେଶ୍ୱର, ଭଦ୍ରକ, ମୟୂରଭ ଏବଂ କେଉଁଝର ଜିଲ୍ଲା ପାଇଁ ପ୍ରଭାବଶାଳୀ ବାଣିଜ୍ୟିକ ନ୍ୟାୟ ପ୍ରଦାନ କରିବ । ଏହି ଚାରିଟି କ୍ଲଷ୍ଟର ଜିଲ୍ଲାରୁ ବାଣିଜ୍ୟିକ ବିବାଦ ଭାବରେ ବିଭିନ୍ନ ବର୍ଗର ୧୮୩୧ ମାମଲା ଚିହ୍ନଟ କରାଯାଇ ନୂତନ ଭାବରେ ଉଦ୍ଘାଟିତ ବାଣିଜ୍ୟିକ ଅଦାଲତକୁ ସ୍ଥାନାନ୍ତର କରାଯାଇଛି, ଯେଉଁଥିରେ ବାଲେଶ୍ୱର ଜଜସିପ୍ ରୁ ୬୭୫ ମାମଲା ସ୍ଥାନାନ୍ତରିତ ହୋଇଛି, ମୟୂରଭ ଜଜସିପ୍ ରୁ ୧୭୫ ମାମଲା ସ୍ଥାନାନ୍ତରିତ ହୋଇଛି, ଭଦ୍ରକ ଜଜସିପ୍ ରୁ ୩୭୪ ମାମଲା ସ୍ଥାନାନ୍ତରିତ ହୋଇଛି ଏବଂ କେନ୍ଦୁଝର ଜଜସିପ୍ ରୁ ୬୦୭ ମାମଲା ସ୍ଥାନାନ୍ତରିତ ହୋଇଛି।



ବାଲେଶ୍ୱରରେ ଏହି ବାଣିଜ୍ୟିକ ଅଦାଲତ ପ୍ରତିଷ୍ଠା ଦ୍ୱାରା ବୈଧାନିକ ନିର୍ଦ୍ଦେଶର ପାଳନ ସୁନିଶ୍ଚିତ ହେବ, ନିୟମିତ ଅଦାଲତରେ ବିଚାରାଧୀନ ମାମଲା ହ୍ରାସ ପାଇବ ଏବଂ ବାଣିଜ୍ୟିକ ବିବାଦର ସମୟସୀମା ମଧ୍ୟରେ ସମାଧାନ ପାଇଁ ଏକ ସ୍ୱତନ୍ତ୍ର ମଞ୍ଚ ପ୍ରଦାନ କରାଯିବ। ଏହା ମକଦ୍ଦମାକାରୀଙ୍କ ପାଇଁ ନ୍ୟାୟ ପାଇବାକୁ ବୃଦ୍ଧି କରିବ, ନ୍ୟାୟିକ ଦକ୍ଷତା ଉନ୍ନତ କରିବ ଏବଂ ଏହି ଅଞ୍ଚଳରେ ନିବେଶ ପରିବେଶକୁ ସୁଦୃଢ଼ କରିବ। ବାଣିଜ୍ୟିକ ଅଦାଲତ ଆଇନ, ୨୦୧୫ ର ଉଦ୍ଦେଶ୍ୟକୁ ଆଗକୁ ବଢାଇବା ପାଇଁ ବାଲେଶ୍ୱରରେ ନୂତନ ଭାବେ ଉଦ୍ଘାଟିତ ହୋଇଥିବା ଏହି ବାଣିଜ୍ୟିକ ଅଦାଲତର ପ୍ରତିଷ୍ଠା ଏକ ଆବଶ୍ୟକୀୟ ଏବଂ ନୀତି-ଚାଳିତ ପଦକ୍ଷେପ, ଯାହା ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହିତ କରିବା ପାଇଁ ବାଣିଜ୍ୟିକ ବିବାଦର ଦ୍ରୁତ ଏବଂ ବିଶେଷଜ୍ଞ ବିଚାରକୁ କଳ୍ପନା କରେ।

ଏହି ଉଦ୍ଘାଟନୀ ଉତ୍ସବକୁ ଅଦାଲତ ର ରେଜିଷ୍ଟ୍ରାର ଶ୍ରୀଯୁକ୍ତ ସିତିକାନ୍ତ ପ୍ରଧାନ ପରିଚାଳନା କରିଥିବା ବେଳେ ଅଦାଲତର ମୁଖ୍ୟ ପ୍ରଶାସନିକ ଅଧିକାରୀ ଶ୍ରୀଯୁକ୍ତ ମଳୟ କୁମାର ରାଉତ ଓ କୋର୍ଟ ମ୍ୟାନେଜର ସୁଶ୍ରୀ ପ୍ରିୟଙ୍କା ମିଶ୍ର ଏଥିରେ ସହଯୋଗ କରିଥିଲେ ।

# ବିଜେପି ବଣାଇଁ ପକ୍ଷରୁ ୪୭ ତମ ପ୍ରତିଷ୍ଠା ଦିବସ ପାଳନ



**ବଣାଇଁ, ୦୬/୦୪ (ଖବର):** ଭାରତୀୟ ଜନତା ପାର୍ଟି ବଣାଇଁ ବିଧାନସଭା ପକ୍ଷରୁ ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ରାଜାମୁଣ୍ଡା ଦଳୀୟ କାର୍ଯ୍ୟାଳୟରେ ପାଳିତ ହୋଇ ଯାଇଛି। ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋବିନ୍ଦ ଚନ୍ଦ୍ର ସାହୁ ଦଳୀୟ ପତାକା ଉତ୍ତୋଳନ କରିଥିବା ବେଳେ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀ ମାନେ ଭାରତ ମାତା,ଜନସଂଘ ର ପ୍ରତିଷ୍ଠାତା ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ତଥା ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ କରି ଦଳର ଇତିହାସ, ବିଚାର ଧାରା ଓ ଲକ୍ଷ୍ୟ ତଥା ଦଳର ଉନ୍ମେଷ ସମ୍ପର୍କ ରେ ଆଲୋଚନା କରିଥିଲେ। ଭାରତୀୟ ଜନତା ପାର୍ଟି ର ପ୍ରତିଷ୍ଠାତା ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀ ଓ ବରିଷ୍ଠ ନେତା ଲାଲ କୃଷ୍ଣ ଆଡଭାନୀ ଙ୍କ ତ୍ୟାଗ, ତପସ୍ୟା ଓ ବଳିଦାନ ସମ୍ପର୍କରେ ସ୍ମୃତି ଚାରଣ କରିବା ସହ ମିଷ୍ଟାନ୍ନ ବଣ୍ଟନ କରି ବିଶ୍ୱ ର ସର୍ବ ବୃହତ୍ ରାଜନୈତିକ ଦଳର ସଦସ୍ୟ ହୋଇ ଥିବାରୁ ଖୁସି ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ରେ ଆୟୋଜିତ ସଭା ରେ ଦଳର ବରିଷ୍ଠ ନେତା ରାହାସ ବିହାରୀ ପ୍ରଧାନ, ମନୋଜ ପ୍ରଧାନ, ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ, ଜିଲ୍ଲା ଉପ ସଭାପତି ଯମୁନା ମୁଣ୍ଡା, ଜିଲ୍ଲା ସମ୍ପାଦକ ଜୟନ୍ତୀ ମାହାନ୍ତ, ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅନିଲ କୁମାର ମାହାନ୍ତ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଗୁରୁଚରଣ ଓରାମ, ଗୀତା ଜୈସ୍ୱାଲ,ରାଜ୍ୟ ଯୁବ ମୋର୍ଚ୍ଚା ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଶାନ୍ତନୁ କୁମାର ଦାସ,ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ହେମନ୍ତ କୁମାର ସାହୁ, ଚେତନ ଦିପ୍ତ ନାଏକ, ଉପେନ୍ଦ୍ର ବେହେରା, ନମିତା ମାହାନ୍ତ, ଦିବ୍ୟ ମରୀ ଶେଖର ଦେଓ, ମେଲୋରି ବାରିକ, ବାଗୁନ ଗାଗରାଇ, କର୍ମତି ଓରାମ, ଆହ୍ଲାଦ ବଢେଇ, ଏମ ଡି ମୋଇମ୍,ଗଙ୍ଗାଧର ମାହାନ୍ତ, ପ୍ରଦୀପ କୁମାର ସ୍ୱାଇଁ, ନାରାୟଣ କୁମ୍ଭାର, ମୁକୁନ୍ଦ ନାଏକ, ଅଭିମନ୍ୟୁ ମହାକୁଳ, କର୍ମୁ କିସାନ, ସୁଶାନ୍ତ ବେହେରା, ଶିବ ସୁନ୍ଦର ରାଉତ, ପ୍ରଶାନ୍ତ କୁମାର ସାହୁ,ମଣ୍ଡଳ ସଭାପତି ବିରେନ୍ଦ୍ର ବଡ ନାୟକ, ମିଥିଳା ପାତ୍ର, ପୂର୍ଣ୍ଣଚନ୍ଦ୍ର ଓରାମ, ନିରାକାର ନାଏକ, ରାମ ଚନ୍ଦ୍ର ପଲେଇ, ମନୋଜ ସାହୁ , ଓ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ସଭା କାର୍ଯ୍ୟ କୁ ରାଜ୍ୟ ପରିଷଦ ସଦସ୍ୟ ବାସୁ ଦେବ ସାହୁ ପରିଚାଳନା କରିଥିଲେ।

# ଅବୈଧ ସମ୍ପର୍କ ନେଇ ବିବାଦରୁ ହତ୍ୟା
## ୨୪ ଘଣ୍ଟାରେ ୨ ଅଭିଯୁକ୍ତଙ୍କୁ ଧରିଲା ବାଲିକୁଦା ପୋଲିସ




**ଜଗତସିଂହପୁର, ୦୬/୦୪ (ଖବର):** ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଞ୍ଚଳରେ ଘଟିଥିବା ଏକ ଚାଞ୍ଚଲ୍ୟକାରୀ ହତ୍ୟାକାଣ୍ଡକୁ ପୋଲିସ ମାତ୍ର ୨୪ ଘଣ୍ଟା ମଧ୍ୟରେ ସାମ୍ନା କୁ ଆଣି ବଡ଼ ସଫଳତା ହାସଲ କରିଛି। ଘଟଣାରେ ଜଡିତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ସୂଚନା ଅନୁସାରେ, ୦୪ ଏପ୍ରିଲ ୨୦୨୬ ରାତିରେ କପିଳତୋଟା (ଜନତାକୋଠି–ସୋଗଲ କେନାଲ ରୋଡ୍) ନିକଟରେ ବିଜୟ କୁମାର ସ୍ୱାଇଁ (୪୨)ଙ୍କ ମୃତଦେହ ରାସ୍ତା ପାଖରେ ପଡ଼ିଥିବା ଅବସ୍ଥାରେ ମିଳିଥିଲା। ଏହା ପରେ ୦୫ ଏପ୍ରିଲରେ ବାଲିକୁଦା ଥାନାରେ କେସ ନଂ ୧୩୮ ଅନୁସାରେ ଧାରା ୧୦୩(୧)/୩(୫) ରେ ମାମଲା ରୁଜୁ ହୋଇଥିଲା। ଘଟଣା ପରେ ପୋଲିସ ତୁରନ୍ତ କାର୍ଯ୍ୟରତ ହୋଇ ବୈଜ୍ଞାନିକ ଟିମ୍ ସହିତ ଘଟଣାସ୍ଥଳରେ ପହ ସଂପୂର୍ଣ୍ଣ ତଦନ୍ତ ଆରମ୍ଭ କରିଥିଲା। ସ୍ଥାନ ପରୀକ୍ଷା ସମୟରେ ସାଇକେଲ, ପୋଷାକ ଓ ଜୈବିକ ନମୁନା ଜବତ କରାଯାଇଥିଲା। ସଂଗ୍ରହ କରାଯାଇଥିବା ପ୍ରମାଣ ଆଧାରରେ ପୋଲିସ ତଦନ୍ତକୁ ଆଗକୁ ବଢ଼ାଇ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିପାରିଥିଲା। ତଦନ୍ତରେ ଜଣାପଡ଼ିଛି ଯେ, ଏକ ଅଭିଯୋଗୀୟ ଅବୈଧ ସମ୍ପର୍କକୁ କେନ୍ଦ୍ର କରି ପୂର୍ବରୁ ମୃତକ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ବାରମ୍ବାର ବିବାଦ ହୋଇଆସୁଥିଲା। ଏହି ବିବାଦ ଶେଷରେ ଗୁରୁତର ରୂପ ନେଇ ହତ୍ୟାକାଣ୍ଡରେ ପରିଣତ ହୋଇଥିବା ପୋଲିସ ସନ୍ଦେହ କରୁଛି।

ଏହି ମାମଲାରେ ସୋଗଲ ଗ୍ରାମର କାଳିଆ ଅର୍ଥାତ୍ ଅଲୋକ କୁମାର ବିଶ୍ୱାଳ (୫୨) ଓ ତଳକୁସୁମା ଗ୍ରାମର ବବିତା ସ୍ୱାଇଁ (୩୮)ଙ୍କୁ ୦୬ ଏପ୍ରିଲରେ ଗିରଫ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଆଦାଲତକୁ ପ୍ରେରଣ କରାଯାଇଥିବା ବେଳେ ଏହି ଘଟଣାରେ ଅନ୍ୟ କାହାରୋ ଜଡିତତା ରହିଛି କି ନାହିଁ, ସେନେଇ ପୋଲିସ ତଦନ୍ତ ଜାରି ରଖିଛି।

# ଜଗନ୍ନାଥପୁର ମଣ୍ଡଳ ପ୍ରଶିକ୍ଷଣ ଶିବିରରେ ଅବ୍ୟବସ୍ଥା
## ଚେୟାର ଖାଲି, ନେତା-କର୍ମୀ ଅନୁପସ୍ଥିତିକୁ ନେଇ ତୀବ୍ର ଅସନ୍ତୋଷ



**ଜଗତସିଂହପୁର, ୦୬/୦୪(ଖବର):** ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗ୍ରାମ ପଞ୍ଚାୟତର କଲ୍ୟାଣ ମଣ୍ଡପରେ ଜଗନ୍ନାଥପୁର ମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଆୟୋଜିତ ହୋଇଥିଲା। କିନ୍ତୁ ଏହି କାର୍ଯ୍ୟକ୍ରମ ଆରମ୍ଭରୁ ଅବ୍ୟବସ୍ଥା ଓ ଅନୁପସ୍ଥିତିକୁ ନେଇ ବିବାଦରେ ପଡ଼ିଛି।

ଶିବିରରେ ବହୁ ଚେୟାର ଖାଲି ପଡ଼ିଥିବା ସହିତ ମଣ୍ଡଳର ଅନେକ ଛାମୁଆ ନେତା ଓ କର୍ମୀମାନେ ଯୋଗ ଦେଇନଥିବା ଦେଖାଯାଇଥିଲା। ମୋଟ ୩୦ଟି ବୁଥ ମଧ୍ୟରୁ ମାତ୍ର ୫ଟି ବୁଥ ସଭାପତିଙ୍କ ଉପସ୍ଥିତି ନେଇ ସୂଚନା ମିଳିଛି। ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ବୁଥ ସଭାପତିମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ମଧ୍ୟ ଉଠିଛି। କାର୍ଯ୍ୟକ୍ରମରେ ମଣ୍ଡଳ ପ୍ରଭାରୀ ଅଶୋକ କୁମାର ମହାନ୍ତି ସଭା ପରିଚାଳନା କରିଥିବା ବେଳେ ଦାୟିତ୍ୱରେ ଥିବା ଅନ୍ୟ ପ୍ରଭାରୀ ସୁବାସ ବାବୁ ଓ ମଣ୍ଡଳ ସଭାପତି ଗଗନ କୁମାର ବିଶ୍ୱାଳଙ୍କ ଅନୁପସ୍ଥିତି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ଏହା ସହ ରାତି ପ୍ରାୟ ୧୦ଟା ସମୟରେ ଜିଲ୍ଲା ସଭାପତି ପ୍ରତାପ ମିଶ୍ରଙ୍କ ଆଗମନ ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ସୂଚନା ଅନୁସାରେ, କିଛି ବରିଷ୍ଠ କାର୍ଯ୍ୟକର୍ତ୍ତା ଜିଲ୍ଲା ସଭାପତିଙ୍କୁ ଭେଟିବାକୁ ଚେଷ୍ଟା କରିଥିବା ବେଳେ କିଛି ଅସାମାଜିକ ତ□ ମାଧ୍ୟମରେ ତାଙ୍କୁ ଅଟକାଇ ଦିଆଯାଇଥିବା ଅଭିଯୋଗ ମଧ୍ୟ ଆସିଛି। ଏହି ପରିସ୍ଥିତିରେ କିଛି ସମୟ ପାଇଁ ପ୍ରଶିକ୍ଷଣ ଶିବିର ବନ୍ଦ ରହିଥିଲା।

ଅନ୍ୟପଟେ, ମଣ୍ଡଳ ସଭାପତିଙ୍କ କାର୍ଯ୍ୟଶୈଳୀ ନେଇ ଦୀର୍ଘଦିନ ଧରି ଅସନ୍ତୋଷ ଚାଲିଆସୁଥିବା ବେଳେ ଏହି ଘଟଣା ପରେ ସେଥିରେ ଆଉ ତୀବ୍ରତା ଆସିଛି। ନିଜ ପଞ୍ଚାୟତରୁ ମଧ୍ୟ କର୍ମୀମାନେ ଯୋଗ ନଦେଇଥିବା ଘଟଣାକୁ ନେଇ ଦଳୀୟ ଏକତା ଉପରେ ପ୍ରଶ୍ନ ଉଠିଛି। ତଥାପି, ପୂର୍ବରୁ ବିଭିନ୍ନ ପଞ୍ଚାୟତରେ କାମ କରାଇବା ନାମରେ ଅର୍ଥ ଆଦାୟ ଅଭିଯୋଗ ମଧ୍ୟ ଆସିଥିବାରୁ, ମଣ୍ଡଳ ସଭାପତିଙ୍କ ବିରୋଧରେ କାହିଁକି କୌଣସି କଡ଼ା ପଦକ୍ଷେପ ନିଆଯାଉନି ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ବାଲେଶ୍ୱରରେ ବେଆଇନ ଇଟାଭାଟି ଉପରେ ପ୍ରଶାସନର ଚଢ଼ାଉ, ଦୋହପଡାରେ ଉପ ଜିଲ୍ଲାପାଳଙ୍କ ନେତୃତ୍ୱରେ ଆକ୍ସନ



**ବାଲେଶ୍ୱର, ୦୬/୦୪ (ଖବର):** ବାଲେଶ୍ୱର ଜିଲ୍ଲାରେ ବେଆଇନ ଭାବେ ଚାଲୁଥିବା ଇଟା ଭାଟି ଉପରେ ଜିଲ୍ଲା ପ୍ରଶାସନ କଡା ଆକ୍ସନ ନେଇଛି। ଦୀର୍ଘ ବର୍ଷ ଧରି ବେଆଇନ ଭାବେ ଗଢ଼ି ଉଠିଥିବା ଏହି ଇଟା ଭାଟିଗୁଡ଼ିକୁ ପ୍ରଶାସନ ଭାଙ୍ଗି ନଷ୍ଟ କରିଦେଇଛି। ସୂଚନା ଅନୁଯାୟୀ, ଉପ ଜିଲ୍ଲାପାଳଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ ଓ ଅଗ୍ନିଶମ ବାହିନୀ ଦୋହପଡା ଅଞ୍ଚଳରେ ପହ ଯୁକ୍ତ ଭାବେ ଚଢାଉ କରିଥିଲେ। ଚଢାଉ ସମୟରେ ବେଆଇନ ଭାବେ ଚାଲୁଥିବା ଅନେକ ଇଟା ଭାଟିକୁ ଭାଙ୍ଗି ଦିଆଯାଇଥିବା ଜଣାପଡିଛି। ଦୀର୍ଘ ଦିନ ଧରି ଏହି ବେଆଇନ ଇଟା ଭାଟିଗୁଡ଼ିକ ପରିବେଶ ଓ ସ୍ଥାନୀୟ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହୋଇଆସୁଥିଲା। ଏହା ପରେ ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ଆଗାମୀ ଦିନରେ ମଧ୍ୟ ବେଆଇନ ଭାବେ ଚାଲୁଥିବା ଇଟା ଭାଟି ଉପରେ ଏଭଳି କଡା ଆକ୍ସନ ଜାରି ରହିବ।

# ଓଡ଼ିଆ ପକ୍ଷରେ ବାରଙ୍ଗ ବ୍ଲକ୍‌ରେ ସ୍ୱଚ୍ଛତାର ଜାଗରଣ
## ଗ୍ରାମପଞ୍ଚାୟତରେ ରାଲି, ଶପଥ ଓ ସଚେତନତା କାର୍ଯ୍ୟକ୍ରମର ଆୟୋଜନ



**ଫୁଲନଖରା, ୦୬/୦୪ (ଖବର):** ଓଡ଼ିଆ ପକ୍ଷ ପାଳନର ପରିପ୍ରେକ୍ଷିତରେ ବାରଙ୍ଗ ବ୍ଲକ୍‌ର ବିଭିନ୍ନ ଗ୍ରାମପଞ୍ଚାୟତରେ ବ୍ୟାପକ ଭାବେ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଯାଇଛି। ବିଡିଓ ଶ୍ରୀ ସ୍ୱାଗତ ଦାସଙ୍କ ନିର୍ଦ୍ଦେଶକ୍ରମେ ଏହି ଅଭିଯାନ ଅନୁଷ୍ଠିତ ହୋଇଥିବା ବେଳେ, ଦେବାଳୟ ସଫା କାମ, ସ୍ୱଚ୍ଛତା ଶପଥ ପାଠ, ସ୍ୱଚ୍ଛତା ସଚେତନତା ରାଲି ଓ ବିଶେଷ ଗ୍ରାମ ସଭା ଆୟୋଜନ ମାଧ୍ୟମରେ ଲୋକମାନଙ୍କୁ ପରିଷ୍କାରତା ପ୍ରତି ସଚେତନ କରାଯାଇଥିଲା। ଅଭିଯାନ ସମୟରେ ଗ୍ରାମ ଦେବାଳୟ ଓ ପରିବେଶକୁ ସଫା ରଖିବା ପାଇଁ ସାମୁହିକ ପ୍ରୟାସ ଦେଖିବାକୁ ମିଳିଥିଲା। ସ୍ୱଚ୍ଛତା ରାଲି ମାଧ୍ୟମରେ ନ୍ତସ୍ୱଚ୍ଛ ଗ୍ରାମ, ସୁସ୍ଥ ଜୀବନନ୍ତ ଭାବନାକୁ ପ୍ରଚାର କରାଯାଇଥିଲା। ଗ୍ରାମ ସଭାରେ ସ୍ୱଚ୍ଛତାର ଗୁରୁତ୍ୱ, ପରିବେଶ ସୁରକ୍ଷା ଓ ସ୍ୱାସ୍ଥ୍ୟ ସଚେତନତା ବିଷୟରେ ଅଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ଦଳାଇ, ବିଡିଓ ସ୍ୱାଗତ ଦାସ, ସିଡିପିଓ ସଂଯୁକ୍ତା ବେଉରା, ଅତିରିକ୍ତ ବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର, ଯନ୍ତ୍ରୀ ବୁଦ୍ଧଦେବ ଜେନା, ପିଇଓ ରବିନ୍ଦ୍ର ସାହୁ, ସୁଜ୍ଞାନି ପତି, ବିଶ୍ୱବେତନ ସାମଲ, ପ୍ରିତମ ପୃଷ୍ଟି, ମମତା ନାୟକ, ଶାରଦା ପ୍ରସନ ଦାସ, ମାମା ଭୂୟାଁ, ଯୋଗାଣ ଅଧିକାରୀ ଜୟନ୍ତୀ ହରିଚନ୍ଦନ, ସହକାରୀ ଯନ୍ତ୍ରୀ ସଞ୍ଜା ସାଗରିକା ସ୍ୱାଇଁ, ଜିଲ୍ଲା ଜଳ ଓ ପରିମଳ ମିଶନର ପରାମର୍ଶଦାତା ବିଦ୍ୟାଧର ନାୟକ, ଡଃ ତ୍ରିଦେବ ରଥ, ସରପଞ୍ଚ ସସ୍ମିତା ଭୋଇ, ପଦ୍ମିନି ପ୍ରଧାନ, ଗୀତାଳୀ ସାହୁ, ନରୋତ୍ତମ ଦାସ, ଦିଲ୍ଲୀପ କୁମାର ବେହେରା ଓ ସମିତି ସଭ୍ୟ କିଷନ କୁମାର ଜେନାଙ୍କ ସହ ଅନେକ ପଞ୍ଚାୟତ ପ୍ରତିନିଧି, ପିଇଓ, ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ସକ୍ରିୟ ଭାଗ ନେଇଥିଲେ। ସ୍ୱଚ୍ଛ ଭାରତ ମିଶନର ବ୍ଲକ୍ ସଂଯୋଜକ ମହେନ୍ଦ୍ର ବେହେରାଙ୍କ ନିୟନ୍ତ୍ରଣରେ କାର୍ଯ୍ୟକ୍ରମଟି ସୁଚାରୁ ଭାବରେ ପରିଚାଳିତ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସକ୍ରିୟ ସହଯୋଗ ଓ ଉତ୍ସାହ ସହିତ ଏହି ସ୍ୱଚ୍ଛତା ଅଭିଯାନ ଏକ ସାମୁହିକ ସଚେତନତାର ରୂପ ନେଇଥିବା ଦେଖିବାକୁ ମିଳିଛି। ଏହି ପ୍ରୟାସ ଦ୍ୱାରା ଗ୍ରାମାଞ୍ଚଳରେ ସ୍ୱଚ୍ଛତା ପ୍ରତି ଜନସାଧାରଣଙ୍କ ମନୋଭାବରେ ସକାରାକ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି ।

# ୨୧୦କେଜି ଗଞ୍ଜେଇ ଜଙ୍ଗଲରୁ ଜବତ କଲା ଅବକାରୀ

**ବୌଦ୍ଧ, ୦୬/୦୪ (ଖବର):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳର ବାଲମତୁମ୍ବା ଜଙ୍ଗଲରୁ ଅବକାରୀ ବିଭାଗ ୨୧୦ କେଜି ଗଞ୍ଜେଇ ଜବତ କରିଛି। ଏହା ଏକ ଅନକ୍ଲେମ୍ଡ ଏନ୍‌ଡିପିଏସ୍ ମାମଲା ଭାବେ ରୁଜୁ ହୋଇଛି। ଏନେଇ ୦୪/୨୦୨୬-୨୭ ରେ କେସ୍ ରେଜିଷ୍ଟର ହୋଇଥିବା ସୂଚନା । କଣ୍ଟାମାଳ ଆବକାରୀ ଷ୍ଟେସନ୍‌ରଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଥିଲା। ଘଟଣାରେ ଆହୁରି ତଦନ୍ତ ଚାଲିଛି ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି !

# ଦୁର୍ଘଟଣାରେ ଦୁଇ ଯୁବକ ମୃତ ଜଣେ ଗୁରୁତର

**ବଣେଇ, ୦୬/୦୪ (ଖବର):** ବୀରମିତ୍ରପୁର ନୁଆ ଗାଁ ରୁ ଜାତୀୟ ରାଜପଥ ୧୪୩ ରେ ଆସୁଥିବା କାର ନମ୍ବର -୧୪ ୮୯୮୧୬ ଯମୁନାନାକି ନିକଟରେ ଭାରସାମ୍ୟ ହରାଇ କାର ଦୁର୍ଘଟଣାଗ୍ରସ୍ତ ହେବା ପରେ କାରରେ ଥିବା ଦୁଇଜଣ ଯୁକ ମୃତ୍ୟୁ ବରଣ କରିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଗତ ରାତି ପ୍ରାୟ ଦେଢ଼ ଟା ସମୟରେ ଦୃତ ଗତିରେ ଆସୁଥିବା କାର ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଢାବା ଭିତରକୁ ପସି ଯିାରୁ ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣା ରେ କାର ରେ ଥିବା ଦୁଇ ଜଣ ମୃତ୍ୟୁବରଣ କରିଥିବା ଜଣାପଡିଛି।ଦୁଇ ମୃତଦେହ ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସ ରେ ରଖାଯାଇଥିବା ବେଳେ ଦୁଇ ମୃତକଙ୍କ ପରିଚୟ ଅସ୍ୱଷ୍ଟ ରହିଛି। ଗୁରୁତର ଆହତ ହୋଇଥିବା ଯୁବକ ଜଣକ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସମସ୍ତ ତିନି ଜଣ ଯୁବକ ରାଉରକେଲା ଟିସିଆଇ ଅଞ୍ଚଳର ବୋଲି ସୂଚନା ମିଳିଛି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ଘଟଣାସ୍ଥଳରେ ବିରମିତ୍ରପୁର ଥାନା ପୋଲିସ ପହ ଘଟଣାର ତଦନ୍ତ ଜାରି ରଖିଛି।

# ଓଡ଼ିଆ ପକ୍ଷରେ ପରିବେଶ ସଚେତନତାର ଜୋରଦାର ସନ୍ଦେଶ
## କଟକରେ ଐତିହ୍ୟ ସ୍ଥଳ ଠାରୁ ମହାନଦୀ ପର୍ଯ୍ୟନ୍ତ ସଫେଇ ଅଭିଯାନ




**ଫୁଲନଖରା, ୦୬/୦୪ (ଖବର):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ ସାରା ରାଜ୍ୟରେ ପାଳିତ ହେଉଥିବା 'ଓଡ଼ିଆ ପକ୍ଷ-୨୦୨୬' ଅବସରରେ ଷଷ୍ଠ ଦିବସରେ 'ସ୍ୱଚ୍ଛତା ଅଭିଯାନ' ଭବ୍ୟ ଭାବେ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷିତରେ କଟକ ମହାନଗର ନିଗମ (ସିଏମସି) ପକ୍ଷରୁ ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ବ୍ୟାପକ ସଫେଇ କାର୍ଯ୍ୟ ସମ୍ପାଦିତ ହୋଇଛି। ଆଜି ପ୍ରାତଃକାଳୀନ ସମୟରେ କଟକର ଐତିହାସିକ ବାରବାଟୀ ଦୁର୍ଗ ପରିସରରୁ ଏହି ଅଭିଯାନର ଶୁଭାରମ୍ଭ ହୋଇଥିଲା। ସତ୍ୟବ୍ରତ ଷ୍ଟାଡିୟମ ଏବଂ ମା' ଗଡ଼ଚଣ୍ଡୀ ମନ୍ଦିର ପରିସରରେ ବିଶେଷେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସିଏମସିର ମେୟର ଶ୍ରୀ ସୁବାସ ସିଂହ, କମିଶନର ସୁଶ୍ରୀ କୀରନଦୀପ କୌର ସହୋତା, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ ସହ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଓ କର୍ପୋରେଟରମାନେ ସଫେଇ କାର୍ଯ୍ୟରେ ସାମିଲ ହୋଇ ସଚେତନତାର ସନ୍ଦେଶ ପ୍ରସାର କରିଥିଲେ। ଏହାପରେ କ୍ୟାଣ୍ଟନମେଣ୍ଟ ଥାନା ସମ୍ମୁଖରେ ମହାନଦୀର ବିଜୁ ପଟ୍ଟନାୟକ ଘାଟରେ 'ବନ୍ଦେ ମହାନଦୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଯାଚେଟି ଆସୋସିଏସନର ସଦସ୍ୟମାନେ, ସ୍କୁବା ଡାଇଭର, ଜାତୀୟ ସେବା ସମିତିର ସେବକ ଓ ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ଏହି ଅଭିଯାନରେ ଯୋଗଦେଇ ମହାନଦୀ ତଟ ଓ ଜଳରୁ ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ। ସଂଗ୍ରହ କରାଯାଇଥିବା ଏହି ଅବଶିଷ୍ଟକୁ ପରବର୍ତ୍ତୀରେ ଟ୍ରାକ୍ଟର ସାହାଯ୍ୟରେ ସୁଚିତ୍ର ପରିଚାଳନା ପାଇଁ ପଠାଯାଇଥିଲା। ଏହି ସ୍ୱଚ୍ଛତା ଅଭିଯାନ କେବଳ କିଛି ସ୍ଥାନରେ ସୀମିତ ରହିନଥିଲା। ସହରର ବିଭିନ୍ନ ଐତିହ୍ୟବାହୀ ସ୍ଥାନ ଯଥା ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ, ମା' କଟକ ଚଣ୍ଡୀ ମନ୍ଦିର ପରିସର, ସ୍ୱରାଜ ଆଶ୍ରମ, ଦୋଳମୁଣ୍ଡାଇ ଶ୍ରୀଜଗନ୍ନାଥ ମନ୍ଦିର, ପ୍ରତାପନଗରୀର ମା' ଧାକୁଳେଇଙ୍କ ପୀଠ ଓ ଗାନ୍ଧୀ ସ୍ମୃତି ପୀଠରେ ମଧ୍ୟ ବିଶେଷ ସଫେଇ କାର୍ଯ୍ୟ କରାଯାଇଥିଲା। ସାରା ରାଜ୍ୟରେ ପାଳିତ ଏହି ନ୍ତସ୍ୱଚ୍ଛତା ଅଭିଯାନ' ମାଧ୍ୟମରେ ଗାଁର ପବିତ୍ର ପୀଠରୁ ସହରର ପ୍ରମୁଖ ସ୍ଥାନ ପର୍ଯ୍ୟନ୍ତ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ପ୍ରତି ସଚେତନତା ବୃଦ୍ଧି ପାଇଛି। ଓଡ଼ିଆ ସଂସ୍କୃତିର ସୁରକ୍ଷା ଓ ସମ୍ମାନ ପାଇଁ ଏହି ପରି ସାମୂହିକ ପ୍ରୟାସ ଅତ୍ୟନ୍ତ ଗ୍ରହଣୀୟ ବୋଲି ସାଧାରଣ ଲୋକମାନଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି। ଏହି କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ସିଏମସିର ଡେପୁଟି କମିଶନର (ସାନିଟେସନ) ଜୁବୁଲି ଚରଣ ବେହେରା, ଅସିଷ୍ଟାଣ୍ଟ କମିଶନର ତ୍ରିଶୁଳ ମାର୍ଦ୍ଦି, ଶୁଭଶ୍ରୀ ମଲ୍ଲିକ ସହ ବିଭିନ୍ନ ୱାର୍ଡର ସାନିଟେସନ ଟିମ୍ ଓ ଅଧିକାରୀମାନେ ମୂଳ ଭୂମିକା ଗ୍ରହଣ କରିଥିଲେ ।

# ୭ ଟପ୍ ଖେଳାଳି ଏପର୍ଯ୍ୟନ୍ତ ସୁପର ଫ୍ଲପ୍ ହୋଇଛନ୍ତି

**ନୂଆଦିଲ୍ଲୀ, ୦୬।୦୪:** ଆଇପିଏଲ ୨୦୨୬ ଆରମ୍ଭ ହେବାର ଗୋଟିଏ ସପ୍ତାହରୁ ଅଧିକ ସମୟ ହୋଇଗଲାଣି । ପଏଣ୍ଟ ଟେବୁଲ ଏହାର ପ୍ରାରମ୍ଭିକ ଆକାର ନେବା ଆରମ୍ଭ କରିଛି, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ରାଜସ୍ଥାନ ରୟାଲ୍ସ ସେମାନଙ୍କର ପ୍ରାଧାନ୍ୟ ସ୍ଥାପନ କରିଛନ୍ତି । ଏହି ସମୟରେ, ଅରେଞ୍ଜ କ୍ୟାପ୍ ବର୍ତ୍ତମାନ ବିରାଟ କୋହଲି କିମ୍ବା ରୋହିତ ଶର୍ମାଙ୍କ ପରି ଅଭିଜ୍ଞ ବ୍ୟକ୍ତିଙ୍କ ପାଖରେ ନୁହେଁ, ବରଂ ୨୨ ବର୍ଷୀୟ ସମୀର ରିଜଭିଙ୍କ ପାଖରେ ଅଛି ।




ଅନ୍ୟପକ୍ଷରେ, ଯୁବ ଖେଳାଳିମାନେ ମଧ୍ୟ ପର୍ପଲ କ୍ୟାପ୍ ଦୌଡ଼ରେ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଏହାର ନାଁ ଆଇପିଏଲ, ଯାହା ରାତାରାତି ଯୁବପିଢ଼ିଙ୍କୁ ଷ୍ଟାରରେ ପରିଣତ କରିପାରିବ । ତଥାପି, ଏସବୁ ମଧ୍ୟରେ, କିଛି ପ୍ରତିଷ୍ଠିତ ଅଭିଜ୍ଞ ଖେଳାଳି ଦୁର୍ବଳ ପ୍ରଦର୍ଶନ କରିବାରେ କୌଣସି କସର ଛାଡ଼ି ନାହାଁନ୍ତି । ଏଠାରେ ଆଇପିଏଲ ୨୦୨୬ ରେ ଏପର୍ଯ୍ୟନ୍ତ ଫ୍ଲପ୍ ହୋଇଥିବା ଅଭିଜ୍ଞ ଖେଳାଳିଙ୍କ ଶୀର୍ଷ ତାଲିକା ଅଛି ।

ଏହି ଅଭିଜ୍ଞ ଖେଳାଳିମାନେ ଆଇପିଏଲ ୨୦୨୬ ରେ ଏପର୍ଯ୍ୟନ୍ତ ଫ୍ଲପ୍ ହୋଇଛନ୍ତି

**ସଞ୍ଜୁ ସାମସନ -** ୨୦୨୬ ଟି-୨୦ ବିଶ୍ୱକପରେ ଲଗାତାର ତିନୋଟି ଅର୍ଦ୍ଧଶତକ ହାସଲ କରିବା ପରେ, ସଞ୍ଜୁ ସାମସନଙ୍କ ବ୍ୟାଟ୍ ଆଇପିଏଲ ୨୦୨୬ ରେ ଏପର୍ଯ୍ୟନ୍ତ ନୀରବ ରହିଛି । ସିଏସକେ ପାଇଁ ଖେଳିବା ସମୟରେ, ତିନୋଟି ଇନିଂସରେ ତାଙ୍କର ସ୍କୋର ୬, ୭ ଏବଂ ୯ ରହିଛି । ତିନୋଟି ଇନିଂସରେ ମୋଟ ମାତ୍ର ୨୨ ରନ କରିଛନ୍ତି, ଏହି ପ୍ରଦର୍ଶନ ଚେନ୍ନାଇର ଶୀର୍ଷ କ୍ରମକୁ ଅସନ୍ତୁଷ୍ଟ କରିଦେଇଛି ।

**କେଏଲ ରାହୁଲ** - ଦିଲ୍ଲୀ କ୍ୟାପିଟାଲ୍ସ ଏହି ସିଜନରେ କେଏଲ ରାହୁଲଙ୍କୁ ଇନିଂସ ଓପନ କରିବାର ଦାୟିତ୍ୱ ଦେଇଛି । ତଥାପି, ଦୁଇଟି ଇନିଂସରେ ତାଙ୍କର ସ୍କୋର ୦ ଏବଂ ୧ ରହିଛି । କିନ୍ତୁ, ରୂପା ଆସ୍ତରଣ ହେଉଛି ଯେ ରାହୁଲଙ୍କ ସଫଳତାର ଅଭାବ ସତ୍ତ୍ୱେ, ଦିଲ୍ଲୀ ଏପର୍ଯ୍ୟନ୍ତ ସେମାନଙ୍କର ଦୁଇଟି ମ୍ୟାଚ୍ ଜିତିବାରେ ସଫଳ ହୋଇଛି ।

**କାମେରନ୍ ଗ୍ରୀନ୍** - କାମେରନ୍ ଗ୍ରୀନ୍ ବର୍ତ୍ତମାନ ୨୫.୨ କୋଟି ଦରମାର ଚାପ ବହନ କରୁଛନ୍ତି । ସେ ଏପର୍ଯ୍ୟନ୍ତ କେକେଆର ସବୁଠାରୁ ବଡ଼ ବିଫଳ ଖେଳାଳିମାନଙ୍କ ମଧ୍ୟରୁ ଜଣେ, ଦୁଇଟି ଇନିଂସରେ ମାତ୍ର ୨୦ ରନ କରିପାରିଛନ୍ତି ।

**ନିକୋଲାସ୍ ପୁରନ୍** - ନିକୋଲାସ୍ ପୁରନ୍, ଯିଏ ଗତ ସିଜନରେ ୧୯୬.୨୫ ଷ୍ଟ୍ରାଇକ୍ ରେଟ୍ ସହିତ ୫୨୪ ରନ କରିଥିଲେ, ସେ ଆଇପିଏଲ ୨୦୨୬ ରେ ଏପର୍ଯ୍ୟନ୍ତ ଦୁଇଟି ମ୍ୟାଚ୍‌ରେ ମାତ୍ର ୯ ରନ କରିପାରିଛନ୍ତି ।

**ଋତୁରାଜ ଗାୟକୱାଡ୍** - ଚେନ୍ନାଇ ସୁପର କିଙ୍ଗସ୍ ଅଧିନାୟକ ଋତୁରାଜ ଗାୟକୱାଡ୍ ଙ୍କ ବ୍ୟାଟ୍ ମଧ୍ୟ ଏପର୍ଯ୍ୟନ୍ତ ନୀରବ ରହିଛି । ସେ ତିନୋଟି ଇନିଂସରେ ମାତ୍ର ୩୧ ରନ କରିଛନ୍ତି ।

**ଗ୍ଲେନ୍ ଫିଲିପ୍ସ** - ନ୍ୟୁଜିଲାଣ୍ଡର ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଗ୍ଲେନ୍ ଫିଲିପ୍ସ ଆଇପିଏଲ ୨୦୨୬ ରେ ବିପର୍ଯ୍ୟୟ ଘଟାଇବାର ଆଶା କରାଯାଉଥିଲା । ତଥାପି, ପରିସଂଖ୍ୟାନ ଏକ ଭିନ୍ନ କାହାଣୀ କହୁଛି, କାରଣ ଫିଲିପ୍ସ ଦୁଇଟି ମ୍ୟାଚ୍‌ରେ ମାତ୍ର ୨୮ ରନ କରିଛନ୍ତି ।

**ଲିୟାମ୍ ଲିଭିଂଷ୍ଟୋନ୍** - ସନରାଇଜର୍ସ ହାଇଦ୍ରାବାଦ ମିନି-ନିଲାମ ସମୟରେ ଲିଆମ୍ ଲିଭିଂଷ୍ଟୋନ୍ କୁ କିଣିବା ପାଇଁ ୧୩ କୋଟି ନିଲାମ ଦେଇ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ନେଇଥିଲେ । ତଥାପି, ଲିଭିଂଷ୍ଟୋନ୍ ପରିସଂଖ୍ୟାନରେ କୌଣସି ଉନ୍ନତି ପରିଲକ୍ଷିତ ହୋଇନାହିଁ । ସେ ଏପର୍ଯ୍ୟନ୍ତ ଆଇପିଏଲ ୨୦୨୬ ରେ କେବଳ ଗୋଟିଏ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ସେ ୧୪ ରନ କରିଛନ୍ତି - ତାହା ମଧ୍ୟ ୭୦ ର ଏକ ଦୁଃଖଦ ଷ୍ଟ୍ରାଇକ୍ ରେଟ୍ ସହିତ ।

## ଚେନ୍ନାଇ ଦଳକୁ ଫେରିବେ ବ୍ରେଭିସ୍

ନୂଆଦିଲ୍ଲୀ,୦୬/୦୪; ୫ ଥରର ଆଇପିଏଲ ଚାମ୍ପିଅନ ଚେନ୍ନାଇ । ଚେନ୍ନାଇ ସୁପରକିଙ୍ଗସ୍, ୩ଟି ମ୍ୟାଚ୍ ହାରିଛି । ପାଞ୍ଚ ଥରର ଚାମ୍ପିଅନ୍ ଗତ ବର୍ଷ ଏହି ବର୍ଷର ସିଜିନ୍ ମଧ୍ୟ ସମାନ ଭାବରେ ଆରମ୍ଭ ହୋଇଛି । ସିଏସକେ ଏପର୍ଯ୍ୟନ୍ତ ଏକମାତ୍ର ଦଳ ଯିଏ ତିନୋଟି ମ୍ୟାଚ୍ ଖେଳିବା ସତ୍ତ୍ୱେ ପଏଣ୍ଟ ଟେବୁଲରେ ନିଜର ଖାତା ଖୋଲିନାହିଁ । ବ୍ୟାକ୍ ଟୁ ବ୍ୟାକ୍ ପରାଜୟ ପରେ ବି ଦଳ ପାଇଁ କିଛି ଭଲ ଖବର ଆସିଛି । ଯାହା ଏହାର ପ୍ରଶଂସକମାନଙ୍କୁ କିଛି ଆଶ୍ୱସ୍ତି ଦେଇପାରେ ।



ଡେୱାଲ୍ଡ ବ୍ରେଭିସ୍ ପରବର୍ତ୍ତୀ ମ୍ୟାଚ୍‌ରେ ଫେରିପାରନ୍ତି । ଋତୁରାଜ ଗାୟକୱାଡଙ୍କ ଅଧିନାୟକତ୍ୱରେ ଚେନ୍ନାଇ ସୁପର କିଙ୍ଗ୍ସ ତିନୋଟି ମ୍ୟାଚ୍ ଖେଳିଛି । ରବିବାର ଆରସିବି ଠାରୁ ପରାସ୍ତ ହୋଇଥିଲା ଚେନ୍ନାଇ । ଦଳ ଖାତା ଖୋଲିବାକୁ ଅପେକ୍ଷା କରିଛି । ଏହି ସମୟରେ, ଦଳ ପ୍ରାୟ ୬ ଦିନ ପର୍ଯ୍ୟନ୍ତ କୌଣସି ମ୍ୟାଚ୍ ଖେଳିବ ନାହିଁ, ଅର୍ଥାତ୍ ଏହାର ଅର୍ଥ ଖେଳାଳିମାନେ ବିଶ୍ରାମ ନେବେ ଏବଂ ପ୍ରସ୍ତୁତି ପାଇଁ ପ୍ରଚୁର ସମୟ ପାଇବେ । ଏହି ସମୟରେ, ଭଲ ଖବର ହେଉଛି ଯେ, ଦଳର ଜଣେ ପ୍ରମୁଖ ଖେଳାଳି ପରବର୍ତ୍ତୀ ମ୍ୟାଚ୍ ପାଇଁ ଫେରିପାରନ୍ତି । ଡେୱାଲ୍ଡ ବ୍ରେଭିସ୍ ବିଷୟରେ କହୁଛୁ । ଡେୱାଲ୍ଡ ବ୍ରେଭିସ୍ ଦଳ ସହିତ ଅଛନ୍ତି, କିନ୍ତୁ ପାର୍ଶ୍ୱ ଷ୍ଟ୍ରେନ୍ ଯୋଗୁଁ ସେ ଗୋଟିଏ ବି ମ୍ୟାଚ୍ ଖେଳି ନାହାଁନ୍ତି । ୨୦୨୫ରେ ବଦଳକାରୀ ଭାବରେ ଆସିଥିଲେ, ଦଳ ତାଙ୍କୁ ବଜାୟ ରଖିଥିଲା, ବ୍ରେଭିସ୍ ପଡ଼ିଆରେ ଥ୍ରୋଡାଉନ୍ ଅଭ୍ୟାସ କରୁଛନ୍ତି । ଏଥିରେ ତାଙ୍କୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିନାହିଁ । ଗତବର୍ଷ ଆଇପିଏଲ ମଧ୍ୟଭାଗରେ ସିଏସକେରେ ଯୋଗ ଦେଇଥିଲେ ।

ଚେନ୍ନାଇ ସୁପର କିଙ୍ଗ୍ସ ଏପ୍ରିଲ ୧୧ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିବ । ଘରୋଇ ପରିବେଶରେ ଦିଲ୍ଲୀ କ୍ୟାପିଟାଲ୍ସ ସହିତ ମୁକାବିଲା କରିବା ପରେ ସେମାନଙ୍କର ପରବର୍ତ୍ତୀ ମ୍ୟାଚ୍ ଖେଳିବ । ସିଏସକେ ମୁଖ୍ୟ ପ୍ରଶିକ୍ଷକ ଷ୍ଟିଫେନ ଫ୍ଲେମିଂ କହିଛନ୍ତି ଯେ ପରବର୍ତ୍ତୀ ମ୍ୟାଚ୍ ପାଇଁ ପ୍ରଚୁର ସମୟ ଅଛି, ଏବଂ ଦଳ ବ୍ରେଭିସ୍ ଫେରିବା ପାଇଁ ଅପେକ୍ଷା କରିଛି । ସେ ଆଶା ପ୍ରକାଶ କରିଛନ୍ତି ଯେ ବ୍ରେଭିସ୍ ପରବର୍ତ୍ତୀ ମ୍ୟାଚ୍ ପାଇଁ ଉପଲବ୍ଧ ହେବେ । ଯଦି ଏହା ହୁଏ, ତେବେ ଦଳ ଯୋଜନା ଅନୁଯାୟୀ ଆଗକୁ ବଢ଼ିବ ।

# ବିରାଟ କୋହଲି ରୋହିତ ଶର୍ମାଙ୍କ ରେକର୍ଡ ଭାଙ୍ଗିଲେ

## ଭୁବନେଶ୍ୱର କୁମାର ମଧ୍ୟ ଇତିହାସ ରଚିଲେ

**ବାଙ୍ଗାଲୁରୁ, ୦୬।୦୪:** ୨୦୨୬ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ, ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଚେନ୍ନାଇ ସୁପର କିଙ୍ଗସ୍‌କୁ ପରାସ୍ତ କରି ତାର ବିଜୟ ଧାରା ଜାରି ରଖିଛି । ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ, ଆରସିବି ୪୩ ରନ୍‌ରେ ବିଜୟ ହାସଲ କରିଛି ।




ଏହା ଆଇପିଏଲ ୨୦୨୬ରେ ଆରସିବିର ଲଗାତାର ଦ୍ୱିତୀୟ ବିଜୟ, ଯେତେବେଳେ ସିଏସକେ ଏପର୍ଯ୍ୟନ୍ତ ତାର ତିନୋଟି ମ୍ୟାଚ୍‌ରେ ପରାଜୟର ସମ୍ମୁଖୀନ ହୋଇଛି । ପ୍ରଥମେ ବ୍ୟାଟିଂ କରି, ଆରସିବି ୨୫୦ ରନ୍‌ର ବିଶାଳ ସ୍କୋର କରିଥିଲା । ଜବାବରେ, ସିଏସକେର ଇନିଂସ ଶେଷ ଓଭରରେ ୨୦୭ ରନ୍‌ରେ ପତନ ଘଟିଥିଲା ।

ଉଲ୍ଲେଖଯୋଗ୍ୟ, ଏହି ପ୍ରତିଯୋଗିତା ସମୟରେ ଅନେକ ପ୍ରମୁଖ ରେକର୍ଡ ସ୍ଥାପନ ହୋଇଥିଲା, ଏବଂ ଏଠାରେ, ଆମେ ସେଗୁଡ଼ିକ ଉପରେ ଏକ ନଜର ପକାଇବା ।

ବିରାଟ କୋହଲି ଆଇପିଏଲରେ ଗୋଟିଏ ଦଳ ବିପକ୍ଷରେ ସର୍ବାଧିକ ରନ କରିଥିବା ବ୍ୟାଟସମ୍ୟାନ୍ ହୋଇଛନ୍ତି । ଏହା କରି ସେ ରୋହିତ ଶର୍ମାଙ୍କୁ ପଛରେ ପକାଇ ଦେଇଛନ୍ତି । ରୋହିତ କେକେଆର ବିପକ୍ଷରେ ୧,୧୬୧ ରନ କରିବାର ରେକର୍ଡ ରଖିଛନ୍ତି, ଯେତେବେଳେ ବିରାଟ ଏବେ ସିଏସକେ ବିପକ୍ଷରେ ୧,୧୮୮ ରନ ସଂଗ୍ରହ କରିଛନ୍ତି ।

**ଚେନ୍ନାଇ ସୁପର କିଙ୍ଗସ୍ ବିପକ୍ଷରେ ସର୍ବୋଚ୍ଚ ସ୍କୋର**

ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏହି ମ୍ୟାଚ୍‌ରେ ୩ ୱିକେଟ୍ ହରାଇ ୨୫୦ ରନ୍ କରିଥିଲା । ଏହା ଆଇପିଏଲ ଇତିହାସରେ ସିଏସକେ ବିପକ୍ଷରେ ସର୍ବୋଚ୍ଚ ସ୍କୋର ଭାବରେ ରହିଛି । ପୂର୍ବରୁ, ଏହି ସଫଳତା ଗୁଜରାଟ ଟାଇଟାନ୍ସ ଏବଂ ପଞ୍ଜାବ କିଙ୍ଗ୍ସ ପାଖରେ ଥିଲା; ଉଭୟ ଦଳ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ୨୩୧ ରନ୍ ପ୍ରତ୍ୟେକ କରିଥିଲେ ।

**ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ସର୍ବାଧିକ ଛକା**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବ୍ୟାଟସମ୍ୟାନମାନେ ଏହି ମ୍ୟାଚ୍‌ରେ ମୋଟ ୧୯ଟି ଛକା ମାରିଥିଲେ । ଏହା ଆଇପିଏଲ ଇତିହାସରେ ସିଏସକେ ବିପକ୍ଷରେ ସର୍ବାଧିକ ଛକା ମାରିବାର ଏକ ନୂତନ ରେକର୍ଡ ସ୍ଥାପନ କରିଛି । ଏହା ପୂର୍ବରୁ, ରାଜସ୍ଥାନ ରୟାଲ୍ସ ଏବଂ କୋଲକାତା ନାଇଟ୍ ରାଇଡର୍ସ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ୧୭ଟି ଲେଖାଏଁ ଛକା ମାରି ଏହି ରେକର୍ଡ କରିଥିଲେ ।

ଭୁବନେଶ୍ୱର କୁମାର ୨୦୦ ଆଇପିଏଲ ୱିକେଟ ପୂରଣ କରିଛନ୍ତି

ଆରସିବି ଏବଂ ସିଏସକେ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ, ଭୁବନେଶ୍ୱର କୁମାର ଆଇପିଏଲରେ ୨୦୦ ୱିକେଟ ପୂରଣ କରିଥିଲେ । ଭୁବନେଶ୍ୱର ଏହି ମାଇଲଖୁଣ୍ଟରେ ପହଞ୍ଚିବା ପାଇଁ ପ୍ରଥମ ଦ୍ରୁତ ବୋଲର । ସେ ତାଙ୍କର ୧୯୨ତମ ମ୍ୟାଚ୍‌ରେ ଏହି ସଫଳତା ହାସଲ କରିଥିଲେ । ବର୍ତ୍ତମାନ, ଆଇପିଏଲରେ ତାଙ୍କଠାରୁ ଅଧିକ ୱିକେଟ ପାଇଥିବା ଏକମାତ୍ର ଖେଳାଳି ହେଉଛନ୍ତି ଯୁଜବେନ୍ଦ୍ର ଚହଲ, ଯିଏ ଆଜି ପର୍ଯ୍ୟନ୍ତ ୨୨୪ ୱିକେଟ ହାସଲ କରିଛନ୍ତି । ବିରାଟ କୋହଲି ରୋହିତ ଶର୍ମାଙ୍କ ରେକର୍ଡ ଭାଙ୍ଗିଲେ

## ଆଇପିଏଲ୍‌ରେ ଟିକେଟ କେଳେଙ୍କାରୀ

# ୧.୪୬ ଲକ୍ଷ ଟଙ୍କା ହରାଇଲେ ଯନ୍ତ୍ରୀ

ବେଙ୍ଗାଲୁରୁ, ୦୬।୦୪: ଆଇପିଏଲ୍‌ର କ୍ରେଜ୍ ଦିନକୁ ଦିନ ବଢିବଢି ଚାଲିଛି । ସମାନ୍ତରାଳ ଭାବେ ନିଜ ପସନ୍ଦର ଦଳର ମ୍ୟାଚ୍ ଦେଖିବା ଲାଗି ପ୍ରଶଂସକଙ୍କ ବ୍ୟାକୁଳତା ବି ବଢୁଛି । କିଛି ଦୃଢ ପ୍ରଶଂସକ ଟିକେଟ ମ୍ୟାଚ୍ ଟିକେଟ ପାଇବା ଲାଗି କିଛି ବି କରିବାକୁ ପ୍ରସ୍ତୁତ ଅଛନ୍ତି । ଏଥିଲାଗି ସେମାନେ ଅନେକ ସମୟରେ ଠକାମିର ଶିକାର ବି ହେଉଛନ୍ତି । ଏହି ଯୋଜନାବଦ୍ଧ ଠକେଇରୁ ଉଚ୍ଚଶିକ୍ଷିତମାନେ ମଧ୍ୟ ବର୍ତ୍ତି ନାହାନ୍ତି । ଠିକ୍ ଏହିଭଳି ଭାବେ ବଡ ଧରଣର ଠକାମିର ଶିକାର ହୋଇ ପାଖାପାଖି ୧.୪୬ ଲକ୍ଷ ଟଙ୍କା ହରାଇଛନ୍ତି ବେଙ୍ଗାଲୁରୁର ଜଣେ ସଫ୍ଟୱେୟାର ଇଞ୍ଜିନିୟର । ସୂଚନା ଅନୁସାରେ ବି ନାରାୟଣପୁରା ନାମକ ଏହି ୨୫ ବର୍ଷୀୟ ଯୁବ ଇଞ୍ଜିନିୟର ରବିବାରର ବେଙ୍ଗାଲୁରୁ ରୟାଲ୍ ଚାଲେଞ୍ଜର୍ସ ଓ ଚେନ୍ନାଇ ସୁପରକିଙ୍ଗ୍ସ ମ୍ୟାଚ୍ ଦେଖିବାକୁ ପ୍ରବଳ ଆଗ୍ରହୀ ଥିଲେ । ହେଲେ ଟିକେଟ ପାଇ ନଥିଲେ । ଇତିମଧ୍ୟରେ ଇନ୍‌ଷ୍ଟାଗ୍ରାମରେ ସେ ଏହି ମ୍ୟାଚ୍‌ର ଟିକେଟ ବିକ୍ରି ପାଇଁ ଏକ ବିଜ୍ଞାପନ ଦେଖିବାକୁ ପାଇଥିଲେ ।

ସାଇବର୍ ଠକ ଜଣକ ନିଜ ନାମ ସୁମିତ ବିଶ୍ୱାଳ ବୋଲି ଦର୍ଶାଇ ଏହି ବିଜ୍ଞାପନଟିକୁ ପୋଷ୍ଟ କରିଥିଲା । ନାରାୟଣପୁରା ସେହି ଠକର ଜାଲରେ ଫଶି ଦୁଇଟି ଟିକେଟ କିଣିବା ଲାଗି ପ୍ରଥମେ ସୁମିତ ଦେଇଥିବା ଆକାଉଣ୍ଟକୁ ୩୭୦୦ ଟଙ୍କା ପଠାଇଥିଲେ । ଷ୍ଟାଡିୟମ୍ ନିକଟରେ ଜଣେ ପ୍ରତିନିଧି ଏହି ଟିକେଟଗୁଡିକୁ ତାଙ୍କୁ ହସ୍ତାନ୍ତର କରିବେ ବୋଲି ସୁମିତ ପ୍ରତିଶ୍ରୁତି ଦେଇଥିଲା । ପରେ କିନ୍ତୁ ଖାଦ୍ୟ କୁପନ ଏବଂ ଅନ୍ୟାନ୍ୟ ଅତିରିକ୍ତ ଖର୍ଚ୍ଚ ଦାବି କରି ନାରାୟଣପୁରାଙ୍କଠାରୁ ଟଙ୍କା ନେଇ ଚାଲିଥିଲା ।



ନିଜ ଆକାଉଣ୍ଟ୍‌କୁ ଟଙ୍କା ସରିଯିବା ପରେ ନାରାୟଣପୁରା ତାଙ୍କ ମା'ଙ୍କ ଆକାଉଣ୍ଟ୍‌ରୁ ମଧ୍ୟ ଟିକେଟ ପାଇଁ ଟଙ୍କା ପଠାଇଥିଲେ । ଉଭୟ ଆକାଉଣ୍ଟ୍‌ରୁ ୧.୪୭ ଲକ୍ଷ ଟଙ୍କା ଦେବା ପରେ ମଧ୍ୟ ତାଙ୍କୁ ଟିକେଟ ମିଳି ନଥିଲା । ଫଳରେ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରି ସେ ବେଙ୍ଗାଲୁରୁ ପୁଲିସର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ଏକ ଠକେଇ ମାମଲା ଦାୟର କରି ଏହାର ତଦନ୍ତ ଆରମ୍ଭ କରିଛି । ସେହିଭଳି ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଟିକେଟ ବିକ୍ରି ପାଇଁ ଦିଆଯାଉଥିବା ବିଜ୍ଞାପନକୁ ବିଶ୍ୱାସ ନ କରିବାକୁ ସାଧାରଣ ଜନତାଙ୍କୁ ଆହ୍ୱାନ କରିଛି ।

## ଆଭେଶ ଖାନଙ୍କ ଭୁଲ୍, ବିସିସିଆଇକୁ ଫେରାଦ ହେବ ଏସଆରଏଚ୍




**ନୂଆଦିଲ୍ଲୀ, ୦୬।୦୪ :** ରବିବାର ଆଇପିଏଲର ୧୧ତମ ମ୍ୟାଚ୍‌ରେ ହାଇଦ୍ରାବାଦ ଏବଂ ଲକ୍ଷ୍ନୌ ମଧ୍ୟରେ ଖେଳାଯାଇଥିଲା । ଯେଉଁ ମ୍ୟାଚ୍‌ରେ ଲକ୍ଷ୍ନୌ ୫ ୱିକେଟରେ ଜିତିଥିଲା । ଅଧିନାୟକ ପନ୍ତ ଶେଷ ପର୍ଯ୍ୟନ୍ତ ଜଗି ରଖି ଖେଳିବା ସହ ଏକ ଚୌକା ମାରି ଦଳକୁ ବିଜୟୀ କରାଇଥିଲେ । ଦଳ ଜିତିବା ପରେ କିନ୍ତୁ ବିବାଦରେ ଫସିଛି । ଦଳର ବୋଲର ଆଭେଶ ଖାନଙ୍କ ପାଇଁ ଏବେ ଏକ ନୂଆ ବିବାଦ ସୃଷ୍ଟି ହୋଇଛି । ଯାହାକି ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେଉଥିବାବେଳେ କ୍ରୀଡ଼ା ଜଗତରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି ।

ଅନ୍ତିମ ଓଭରର ପଞ୍ଚମ ବଲରେ ଉନାଦକଟଙ୍କ ବଲରେ ଏକ ଚୌକା ମାରିଥିଲେ ପନ୍ତ । ମାତ୍ର ବଲ ବାଉଣ୍ଡରୀ ଛୁଇଁବା ପୂର୍ବରୁ ଏହି ବଲକୁ ବ୍ୟାଟରେ ପୁଣି ବାଡ଼େଇ ଦେଇଥିଲେ ଆଭେଶ । ଯଦିଓ କୌଣସି ଫିଲ୍ଡର ସେଠାରେ ନଥିଲେ ତଥାପି ଆଭେଶଙ୍କ ଏଭଳି ଏକ ଆଚରଣକୁ ଏବେ ସବୁଠି ନିନ୍ଦା କରାଯାଉଛି । ଅନେକ ୟୁଜର୍ସ କହିଛନ୍ତି କି, ବଲ ଯଦି ସୀମାରେଖା ପାଖରେ ପହଞ୍ଚି ନଥାନ୍ତା ।

ସେପଟେ ଏହି ଘଟଣାରେ ସନରାଇଜର୍ସ ହାଇଦ୍ରାବାଦ ବିରକ୍ତିଭାବ ପ୍ରକାଶ କରିଥିବା ଦେଖିବାକୁ ମିଳିଛି । ଏନେଇ ଦଳ ବିସିସିଆଇ ନିକଟରେ ମଧ୍ୟ ଅଭିଯୋଗ କରିପାରେ ବୋଲି ଶୁଣାଯାଉଛି । ଏହାସହ ଚଳିତ ଆଇପିଏଲରେ ଅମ୍ପାୟାରଙ୍କ ଉପରେ କ୍ଷୋଭ ପ୍ରକାଶ କରିଛି ହାଇଦ୍ରାବାଦ ପୂର୍ବରୁ କ୍ଲାସେନଙ୍କ କ୍ୟାଚ୍ ଏବଂ କୋଲକାତା ବିପକ୍ଷରେ ଅଭିଶେକଙ୍କ ଆଉଟ୍ ଅମ୍ପାୟାରଙ୍କ ଉପରକୁ ଦୋଷ ଦେଇଛି ଏହି ଫ୍ରାଞ୍ଚାଇଜ୍ । ପୁଣି ଏବେ ଆଭେଶ ଖାନଙ୍କ ଆଚରଣ ଉପରେ ଅମ୍ପାୟାର କୌଣସି ପ୍ରତିକ୍ରିୟା ରଖିନଥିବା ବେଳେ ହାଇଦ୍ରବାଦ ବିରକ୍ତିଭାବ ପ୍ରକାଶ କରିଛି ।

# ଫିଫା ବିଶ୍ୱକପ୍ ଖେଳିବେ ସର୍ବାଧିକ ୪୮ଟି ଟିମ୍

ନୂଆଦିଲ୍ଲୀ ୦୬/୦୪: ଆଉ ମାତ୍ର ୨ମାସର ଅପେକ୍ଷା । ଆରମ୍ଭ ହେବ ବିଶ୍ୱର ସବୁଠୁ ଲୋକପ୍ରିୟ କ୍ରୀଡା ପ୍ରତିଯୋଗିତା ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ । ସମଗ୍ର ବିଶ୍ୱର କ୍ରୀଡାପ୍ରେମୀ ଫୁଟବଲ୍ ବିଶ୍ୱକପ୍ ଦେଖିବାକୁ ୪ବର୍ଷ ଧରି ଉତ୍ସୁକତାର ସହ ଅପେକ୍ଷା କରନ୍ତି । ଏଥର ଉତ୍ତର ଆମେରିକା ମହାଦେଶକୁ ଆୟୋଜନ ଅଧିକାର ମିଳିଥିବାରୁ ଫ୍ୟାନ୍‌ମାନଙ୍କ ଉତ୍କଣ୍ଠା କହିଲେ ନ ସରେ । ଆମେରିକାର ଚାକଚକ୍ୟ ସହର, ରାଜ ରାସ୍ତା, ସମୁଦ୍ର କୂଳ ବୁଲା ଓ ରଙ୍ଗୀ ରଙ୍ଗ ରାତ୍ରିରେ ମତୁଆଲା ହେବା ସହ ଫୁଟବଲ୍ ବିଶ୍ୱକପ୍‌ର ମଜା ନେବା ଜୀବନର ଅବିସ୍ମରଣୀୟ ଅଭିଜ୍ଞତା ହେବ । ଏଥିପାଇଁ ଟିକେଟର ପ୍ରବଳ ଚାହିଦା ରହିଛି । ଟିକେଟ୍ ଦାମ ମଧ୍ୟ ଆକାଶ ଛୁଆଁ ହୋଇଛି । ତଥାପି କ୍ଷଣକ ମଧ୍ୟରେ ସବୁ ଟିକେଟ୍ ବିକ୍ରି ହୋଇ ଯାଉଛି । ୯୬ ବର୍ଷର ଇତିହାସରେ ଏଥର ବିଶ୍ୱକପ୍ ସର୍ବବୃହତ୍ କହିଲେ ଭୁଲ ହେବ ନାହିଁ । କାରଣ ଏଥର ସର୍ବାଧିକ ୪୮ଟି ଦଳ ବିଶ୍ୱକପ୍‌ରେ ଭାଗ ନେଉଛନ୍ତି ।




**ବିଶ୍ୱକପ୍ ଖେଳିବେ ୪୮ଟି ଦଳ**

୨୦୨୨ କତାର ବିଶ୍ୱକପ୍‌ରେ ୩୨ଟି ଦଳ ଭାଗ ନେଇଥିଲେ । ଏଥର ରେକର୍ଡ ୪୮ଟି ଦଳ ଭାଗ ନେଉଛନ୍ତି । ୩ଟି ଦେଶର ୧୬ଟି ସହର ଏଥର ବିଶ୍ୱକପ୍‌ର ୧୦୪ଟି ମ୍ୟାଚ୍ ଆୟୋଜନ କରିବେ । ୟୁଏସଏର ୧୧ଟି ସହର ସମେତ ମେକ୍ସିକୋର ୩ ଓ କାନାଡାର ୨ଟି ସହରରେ ବିଶ୍ୱକପ୍ର ସମସ୍ତ ମ୍ୟାଚ୍ ଆୟୋଜିତ ହେବ । ଟୁର୍ଣ୍ଣାମେଣ୍ଟ ମଧ୍ୟ ୩୯ ଦିନକୁ ବୃଦ୍ଧି ପାଇଛି ।

୨୦୧୪ ଓ ୨୦୧୮ ବିଶ୍ୱକପ୍‌ରେ ମୋଟ୍ ୩୨ଦିନ ମଧ୍ୟରେ ବିଶ୍ୱକପ୍ ଶେଷ ହୋଇଥିଲା । କତାରରେ ୨୯ଦିନର ବିଶ୍ୱକପ୍ ରହିଥିଲା । ଜୁନ ୧୧ରୁ ଜୁଲାଇ ୧୯ ତାରିଖ ମଧ୍ୟରେ ଆୟୋଜିତ ହେବ ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ । ଇତି ମଧ୍ୟରେ ସମସ୍ତ ୪୮ଟି ଯାକ ଦଳ ସହ ଗ୍ରୁପ୍ ଚୂଡାନ୍ତ ହୋଇ ସାରିଛି । ୨୦୨୩ ସେପ୍‌ଟେମ୍ବରରୁ ଆରମ୍ଭ ହୋଇଥିଲା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ । ଅଢେଇ ବର୍ଷର ରୋମାଞ୍ଚ ଓ ୫ କନଫେଡେରେସନର ସଂଘର୍ଷ ପରେ ୪୮ଟି ଦଳ ଚୂଡାନ୍ତ ହୋଇଥିଲା । ୟୁଏସଏ, କାନାଡା ଓ ମେକ୍ସିକୋ ଆୟୋଜକ ଦେଶ ଭାବେ ସିଧାସଳଖ ବିଶ୍ୱକପ୍ ଟିକେଟ୍ ହାସଲ କରିଥିଲେ । ବାକି ୪୩ଟି ଦଳ ନିଜ ନିଜ କନଫେଡେରେସନର ଯୋଗ୍ୟତା ପର୍ଯ୍ୟାୟ ଜରିଆରେ ବିଶ୍ୱକପ୍ ଟିକେଟ୍ ହାସଲ କରିଥିବାବେଳେ ବାକି ୨ଟି ଦଳ ଇଣ୍ଟର କଣ୍ଟିନେଣ୍ଟାଲ୍ ପ୍ଲେ-ଅଫ୍ ଜରିଆରେ ଯୋଗ୍ୟତା ଅର୍ଜନ କରିଛନ୍ତି ।

**ଫର୍ମାଟ୍: ୪୮ ଦଳ, ୧୨ ଗ୍ରୁପ୍**

୪୮ଟି ଦଳକୁ ୧୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ପ୍ରତି ଗ୍ରୁପରେ ସ୍ଥାନ ପାଇଛନ୍ତି ୪ଟି ଲେଖାଏଁ ଦଳ । ପ୍ରତି ଗ୍ରୁପ୍ର ଶ୍ରେଷ୍ଠ ୨ଟି ଲେଖାଏଁ ଦଳ ସମେତ ଶ୍ରେଷ୍ଠ ୮ଟି ତୃତୀୟ ସ୍ଥାନ ଦଖଲ କରିଥିବା ଦଳ ନକ୍ ଆଉଟ୍ ରାଉଣ୍ଡକୁ ଉନ୍ନୀତ ହେବେ । ରାଉଣ୍ଡ-୩୨ରୁ ବିଜୟୀ ୧୬ଟି ଦଳ ପ୍ରି-କ୍ୱାର୍ଟରକୁ ଉନ୍ନୀତ ହେବେ ଓ ପରାଜିତ ଦଳ ବିଦାୟ ନେବେ । ସେହିପରି ପ୍ରି-କ୍ୱାର୍ଟରରୁ ବିଜୟୀ ୮ ଦଳ କ୍ୱାର୍ଟର ଫାଇନାଲ୍ ଓ କ୍ୱାର୍ଟରରୁ ୪ ବିଜୟୀ ଦଳ ସେମି ଫାଇନାଲ୍‌ରେ ପ୍ରବେଶ କରିବେ । ଜୁଲାଇ ୧୯ ତାରିଖରେ ନ୍ୟୁ ଜର୍ସିର ମେଟ୍ ଲାଇଫ୍ ଷ୍ଟାଡିୟମ୍‌ରେ ନୂଆ ଚାମ୍ପିଅନ୍‌ଙ୍କ ଆବିର୍ଭାବ ଘଟିବ ।

**୪ ନବାଗତ**

ଏଥର ବିଶ୍ୱକପ୍‌ରେ ୪ଟି ଦେଶ କୁରାକାଓ, କେପ ଭର୍ଡେ, ଉଜବେକିସ୍ତାନ ଓ ଜୋର୍ଡାନ ପଦାର୍ପଣ କରିବାକୁ ଯାଉଛନ୍ତି । ଏମାନଙ୍କ ବ୍ୟତୀତ ଦକ୍ଷିଣ ଆଫ୍ରିକା ଓ କତାର ପ୍ରଥମ କରି ଯୋଗ୍ୟତା ଅର୍ଜନ କରିଛନ୍ତି । ପୂର୍ବରୁ ଉଭୟ ଦେଶ ଆୟୋଜକ ଭାବେ ବିଶ୍ୱକପ୍ ଖେଳିଥିଲେ । କାରବୀୟ ଦ୍ୱୀପପୁଞ୍ଜରେ ଅବସ୍ଥିତ ବିଶ୍ୱର ସବୁଠୁ ଛୋଟ ଦେଶ ଭାବେ କୁରାକାଓ ପ୍ରଥମ କରି ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିଛି । ଗ୍ରୁପ୍ ଇ'ରେ ଏହି ଦେଶ ସ୍ଥାନ ପାଇଛି । ଅନ୍ୟ ଦେଶ ଭାବେ ଏହି ଗ୍ରୁପ୍‌ରେ ଜର୍ମାନୀ, ଆଇଭରୀ କୋଷ୍ଟ ଓ ଇକ୍ୱେଡର ରହିଛନ୍ତି । ଭେନେଜୁଏଲା ଉପକୂଳରୁ ୩୭ ମାଇଲ ଦୂରରେ ଅବସ୍ଥିତ କୁରାକାଓର ଆୟତନ ୧୭୧ ବର୍ଗ ମାଇଲ୍ । ଏହି ଦେଶର ଜନସଂଖ୍ୟା ମାତ୍ର ଦେଢ ଲକ୍ଷ । ୨୦୧୦ରେ ନେଦରଲାଣ୍ଡ ଠାରୁ ସ୍ୱାଧୀନ ହୋଇଥିଲା କୁରାକାଓ । ଆଫ୍ରିକା ମହାଦେଶର ଏକ ଦ୍ୱୀପ କେପ ଭର୍ଡି ମଧ୍ୟ ପ୍ରଥମ କରି ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିଛି । ଏହା ବିଶ୍ୱର ତୃତୀୟ ଛୋଟ ଦେଶ ।


**Owned & Published by** Sudhanshu Shekhar Rout, Printed at Mayur Offset Printers, D-1/1, Sector-A, Zone- D, Mancheswar Industrial Estate Bhubaneswar – 751010, Dist – Khordha, Odisha & Published at Plot: (873/3157/3901) **Focus House**, Baramunda, Nilakantheswar Road, Bhubaneswar-751003, Dist- Khordha, Odisha
**Mob No- 94376 03563, Email Id: info@anchalikakhabar.in(Advt.), news@anchalikakhabar.in (News)**
ସଂପାଦକ - ସୁଧାଂଶୁ ଶେଖର ରାଉତ
All disputes are subject to Bhubaneswar Judicial jurisdiction only
Editor: **Sudhanshu Shekhar Rout**